


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୦୮ ଭୁବନେଶ୍ୱର ଶୁକ୍ରବାର, ଡ଼ିସେମ୍ବର ୨୬.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.108 Bhubaneswar, Thursday, December 26, 2024


## ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ

ଭୁବନେଶ୍ୱର,୨୬/୧୨: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କରିଛନ୍ତି । ସୂଚନା ଯୋଗ୍ୟ ଯେ, ରାଜ୍ୟରେ ସମୁଦାୟ ୨୭୧୧ଟି ପ୍ୟାକ୍ସ ଥିବା ବେଳେ, ରାଜ୍ୟ ସରକାର ଆଉ ୧୫୪୨ଟି ନୂଆ ବହୁମୁଖୀ ପ୍ୟାକ୍ସ ଗଠନ କରିଛନ୍ତି । ଏହା ଦ୍ୱାରା ରାଜ୍ୟର ସମୁଦାୟ ପ୍ୟାକ୍ସ ସଂଖ୍ୟା ୪୨୫୩ ରେ ପହଞ୍ଚିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଆମ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ସମୁଦାୟ ୫୪ ଟି କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ଏଗୁଡିକ ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି, ପାକ୍ସ ଓ ଲାମ୍ପସ୍ ଗୁଡିକୁ ବହୁମୁଖି କରିବା ପାଇଁ ମଡେଲ ବାଇ-ଲ ପ୍ରଚଳନ; କମ୍ପ୍ୟୁଟରିକରଣ ମାଧ୍ୟମରେ ପାକ୍ସ ଗୁଡିକୁ ସ୍ୱଚ୍ଛ ଓ ମଜଭୁତ କରିବା, ସାର ଓ ବିହନ ଯୋଗାଣ, ଜନ ଔଷଧୀ କେନ୍ଦ୍ର ଓ କମନ୍ ସର୍ଭିସ ସେଣ୍ଟର ସ୍ଥାପନ, କୃଷି ସେବା କେନ୍ଦ୍ର ସ୍ଥାପନ ସ୍ଥାପନ, ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ସଂରକ୍ଷଣ କେନ୍ଦ୍ର ସ୍ଥାପନ ଇତ୍ୟାଦି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପ୍ୟାକ୍ସକୁ ମଡେଲ୍ ପ୍ୟାକ୍ସ ଭାବରେ ବିକଶିତ କରିବା ପାଇଁ ନିଷ୍ପତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ମଡେଲ ପ୍ୟାକ୍ସ ଗୁଡିକ ଗୋଟିଏ ଗୋଟିଏ ୱାନ ଷ୍ଟପ ସପ୍ ଭଳି କାର୍ଯ୍ୟ କରିବ, ଅର୍ଥାତ ଗୋଟିଏ ଛାତ ତଳେ କୃଷି ସମ୍ବନ୍ଧୀୟ ସବୁ ପ୍ରକାର ସୁବିଧା ମିଳିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୧୫ ମସିହାରୁ ବନ୍ଦ ହୋଇ ପଡିଥିବା ଭୁବନେଶ୍ୱର ସହରାଞ୍ଚଳ ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀମାନଙ୍କୁ ଜମାରାଶି ଫେରସ୍ତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ଦ୍ୱାରା ସମବାୟ ବ୍ୟାଙ୍କ ଉପରେ ଲୋକମାନଙ୍କ ଆସ୍ଥା ପୁନଃ ପ୍ରତିଷ୍ଠାରେ ସହାୟକ ହେବ ବୋଲି ସେ କହିଥିଲେ । ନୂଆ ସରକାର ସମବାୟ କ୍ଷେତ୍ରକୁ କ୍ରିୟାଶୀଳ ଓ ଚଳଚଞ୍ଚଳ କରିବା ପାଇଁ ପ୍ରତିଶୃତିବଦ୍ଧ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ଫେରାଇ ଆଣିବା ସହିତ ଏହାକୁ ଗ୍ରାମ୍ୟ ଅର୍ଥନୀତି ବିକାଶର ଏକ ପ୍ରମୁଖ ଇଞ୍ଜିନ ଭାବରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ସଂସ୍ଥା ଗୁଡିକ ଚାଷୀ ମାନଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇ ସେମାନଙ୍କ ସମସ୍ୟାର ରିଅଲ୍ ଟାଇମ୍ ସେଟଲମେଣ୍ଟ କରିବା ଆବଶ୍ୟକ । ନହେଲେ କମ୍ପ୍ୟୁଟରୀକରଣର କୌଣସି ଅର୍ଥ ନାହିଁ । ଅନେକ ସଂସ୍ଥା ଏବେ ବି ଏକ୍ସେଲ



ସିଟରେ ହିସାବ କିତାବ କରି ଅପଲୋଡ୍ କରୁଛନ୍ତି। ଏହା ଦ୍ୱାରା ଦୁର୍ନୀତି ପ୍ରଶ୍ରୟ ପାଇବ। ତେଣୁ, ସବୁ ପ୍ରାଥମିକ ସମବାୟ ସମିତିର ଖାତାପତ୍ର ଅଡିଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ ଓଡିଶାର କୃଷି କ୍ଷେତ୍ରରେ ସମବାୟ ସଂସ୍ଥା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଓଡିଶା ବୋଧହୁଏ ଏକମାତ୍ର ରାଜ୍ୟ ଯେଉଁଠି ମୋଟ ଫସଲ ଋଣର ୬୦ ପ୍ରତିଶତରୁ ଅଧିକ ସମବାୟ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥାଏ ଏବଂ ବ୍ୟବସାୟିକ ବ୍ୟାଙ୍କମାନେ ପ୍ରାୟ ୩୦ ପ୍ରତିଶତ ପ୍ରଦାନ କରିଥାନ୍ତି । ଭାରତରେ ସମବାୟ ଆନ୍ଦୋଳନକୁ ଆଉ ଏକ ଉଚ୍ଚ ସ୍ତରକୁ ନେବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଏକ ସ୍ୱତନ୍ତ୍ର ସମବାୟ ମନ୍ତ୍ରଣାଳୟର ସୃଷ୍ଟି କରିଥିଲେ ଏବଂ ମାନ୍ୟବର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହା ଜୀଙ୍କୁ ଦେଶର ପ୍ରଥମ ସମବାୟ ମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ଦେଶ ପାଇଁ ବରଦାନ ସଦୃଶ, କାରଣ ଉଭୟ ମୋଦୀ ଜୀ ଏବଂ ଗୃହମନ୍ତ୍ରୀ ଜୀ ସମବାୟ ଆନ୍ଦୋଳନରେ ଅତ୍ୟନ୍ତ ଅଭିଜ୍ଞ। ତାଙ୍କ ନେତୃତ୍ୱରେ ଗୁଜରାଟରେ ସମବାୟ ଆନ୍ଦୋଳନ ଏକ ନୂତନ ଶିଖରକୁ ଛୁଇଁଛି। ଆମେ ମଧ୍ୟ ଗୁଜୁରାଟରୁ ପ୍ରେରଣା ନେବା ଆବଶ୍ୟକ ଏବଂ ସମବାୟ ଆନ୍ଦୋଳନକୁ ଘରେ ଘରେ ପହଞ୍ଚାଇବା। ସେ କହିଥିଲେ ଯେ, ଆମ ରାଜ୍ୟର ଶତକଡ଼ା ନବେ ଭାଗରୁ ଅଧିକ କୃଷି ପରିବାରର ସଭ୍ୟମାନଙ୍କୁ ପ୍ରାଥମିକ କୃଷି ଋଣ ସମବାୟ ସମିତି ଗୁଡ଼ିକ ମାଧ୍ୟମରେ କୃଷି କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଉଛି । ଓଡିଶାର ଚାଷୀମାନେ ଏକ ଲକ୍ଷ ଟଙ୍କା ବିନା ସୁଧରେ ଫସଲ ଋଣ ପାଉଛନ୍ତି । ରାଜ୍ୟରେ ଦୁଗ୍ଧ ଚାଷୀ ମାନଙ୍କ ପାଇଁ ଓମଫେଡ୍ ଏକ ମେରୁଦଣ୍ଡ ସଦୃଶ ହୋଇଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦୁଗ୍ଧ ଚାଷୀ ମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ କ୍ୟାବିନେଟରେ କାମଧେନୁ ସହିତ ଗୋ-ମାତା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଗୁଜରାଟ ପରି ମୋଦୀଜୀଙ୍କ ମାର୍ଗ ଦର୍ଶନରେ ଓଡିଶାରେ ସମବାୟ ଆନ୍ଦୋଳନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ଗୋପାଳପୁର ସମବାୟ ତାଲିମ କେନ୍ଦ୍ରର ବିକାଶ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କେତେକ ସମବାୟ ସଂସ୍ଥାର ସଦସ୍ୟ ମାନଙ୍କୁ ମାଇକ୍ରୋ ଏଟିଏମ୍ ଓ ରୁପେ କାର୍ଡ ପ୍ରଦାନ କରିଥିଲେ। ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ସମବାୟ କ୍ଷେତ୍ରର ଉନ୍ନତି ପାଇଁ ବିଭାଗ ପକ୍ଷରୁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଅଦିନିଆ ବର୍ଷାର ସମ୍ମୁଖୀନ ହୋଇ ଚାଷୀ ମାନଙ୍କୁ ବୀମାଭୁକ୍ତ କରାଯାଇଛି। ସେମାନେ କ୍ଷତି ସହିବେ ନାହିଁ। ଯେଉଁ ଚାଷୀ ମାନେ ବିମା କରି ନାହାନ୍ତି ସେମାନଙ୍କୁ ବୀମା କରିବା ପାଇଁ ସମବାୟ ସଂସ୍ଥା ମାନେ ଉଦ୍ୟମ କରିବାକୁ ସେ ଅନୁରୋଧ କରିଥିଲେ ।

## ଆମେ ହାରିନାହୁଁ କି ଲୋକଙ୍କ ବିଶ୍ୱାସ ବି ହରାଇ ନାହୁଁ: ନବୀନ ପଟ୍ଟନାୟକ




ଭୁବନେଶ୍ୱର,୨୬/୧୨: ବିଜେଡିର ୨୮ ତମ ପ୍ରତିଷ୍ଠା ଦିବସ ଆଜି ଦଳର ମୁଖ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି। ଏହି ଅବସରରେ ଶଙ୍ଖ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦଳ ପ୍ରତି ଲୋକଙ୍କ ଭଲ ପାଇବା ଓ ବିଜେଡି ସରକାର ସମୟର ସଫଳତା ଉପରେ ଆଲୋକପାତ କରି ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସେବା କରିଚାଲିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଓଡ଼ିଶାର ସ୍ୱାର୍ଥ ସର୍ବାଗ୍ରେ। ଏକ ଦୃଢ଼ ଆଞ୍ଚଳିକ ଦଳ ଭାବରେ ଓଡ଼ିଶା ସ୍ୱାର୍ଥର ସୁରକ୍ଷା ତଥା କେନ୍ଦ୍ର ଅବିଚାର ବିରୁଦ୍ଧରେ ବିଜେଡିର ଲଢେଇ ଜାରି ରହିବ। ୧୯୯୭ ଡିସେମ୍ବର ୨୬ତାରିଖରେ ବିଜେଡି ଦଳ ପ୍ରତିଷ୍ଠା ହୋଇଥିଲା। ବିଜୁ ବାବୁଙ୍କ ଆଦର୍ଶକୁ ସାଙ୍ଗରେ ନେଇ ବିଜୁ ପ୍ରେମୀମାନେ ଏକାଠି ହୋଇ ବିଜୁ ଜନତା ଦଳ ଗଠନ କରିଥିଲେ। କିନ୍ତୁ ସେତେବେଳେ ବହୁ ଲୋକ କହିଥିଲେ ଏ ଦଳ ବଞ୍ଚିବ ନାହିଁ। ଏ ଦଳ କେବେ ସଫଳ ହେବ ନାହିଁ । ଆଉ ମତେ କହିଥିଲେ ମୁଁ ରାଜନୀତି ଜାଣେ ନାହିଁ। କିନ୍ତୁ ଓଡ଼ିଶାବାସୀଙ୍କ ଆଶୀର୍ବାଦ ପାଇଁ ପାଞ୍ଚ ପାଞ୍ଚ ଥର କ୍ଷମତାକୁ ଆସି ସେବା କରିବାର ସୁଯୋଗ ପାଇଛି । ଭିଡିଓ ବାର୍ତ୍ତା ଜାରି କରି ନବୀନ ପଟ୍ଟନାୟକ କହିଛନ୍ତି, ଦଳ ଗଠନ ବେଳେ କିଛି ନିନ୍ଦୁକ ଯେପରି କହିଥିଲେ ଏହି ଦଳର ଭବିଷ୍ୟତ ନାହିଁ ଏବେ ବି ସେମିତି କହୁଛନ୍ତି ଏ ଦଳ ରହିବ ନାହିଁ। ମୁଁ ଦୃଢ଼ତାର ସହ କହୁଛି, ବିଜେଡିର ଭବିଷ୍ୟତ ଉଜ୍ଜ୍ୱଳ। ଲୋକଙ୍କ ହକ ପାଇଁ ଲଢ଼ିଆସିଛି ଆଗକୁ ବି ଲଢ଼ିବ । ୧୯୯୭ ଡିସେମ୍ବର ୨୬ତାରିଖରେ ବିଜେଡି ଦଳ ପ୍ରତିଷ୍ଠା ହୋଇଥିଲା। ବିଜୁ ବାବୁଙ୍କ ଆଦର୍ଶକୁ ସାଙ୍ଗରେ ନେଇ ବିଜୁ ପ୍ରେମୀମାନେ ଏକାଠି ହୋଇ ବିଜୁ ଜନତା ଦଳ ଗଠନ କରିଥିଲେ। କିନ୍ତୁ ସେତେବେଳେ ବହୁ ଲୋକ କହିଥିଲେ ଏ ଦଳ ବଞ୍ଚିବ ନାହିଁ। ଏ ଦଳ କେବେ ସଫଳ ହେବ ନାହିଁ । ଆଉ ମତେ କହିଥିଲେ ମୁଁ ରାଜନୀତି ଜାଣେ ନାହିଁ। କିନ୍ତୁ ଓଡ଼ିଶାବାସୀଙ୍କ ଆଶୀର୍ବାଦ ପାଇଁ ପାଞ୍ଚ ପାଞ୍ଚ ଥର କ୍ଷମତାକୁ ଆସି ସେବା କରିବାର ସୁଯୋଗ ପାଇଛି । ଗତ ୨୪ବର୍ଷ ମଧ୍ୟରେ ବିଜେଡି ସରକାର ଓଡ଼ିଶାକୁ ଏକ ସମୃଦ୍ଧ ଓ ସଶକ୍ତ ରାଜ୍ୟର ପରିଚୟ ଦେଇପାରିଛି । ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଏବେ ବାହାର ରାଜ୍ୟକୁ ଖାଦ୍ୟ ପଠାଉଛି । ଓଡ଼ିଶାରେ ଗରିବି କମିଛି । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ମଡେଲ ସାଜିଛି । ନିବେଶ ବଢିଛି । ମହିଳା ସଶକ୍ତିକରଣରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ହୋଇପାରିଛି । ଓଡ଼ିଶା ସ୍ପୋର୍ଟସ କ୍ୟାପିଟାଲର ପରିଚୟ ପାଇପାରିଛି । ଓଡ଼ିଶାବାସୀଙ୍କ ଭଲପାଇବା ଓ କର୍ମୀମାନଙ୍କ ପରିଶ୍ରମ ଯୋଗୁଁ ବିଜେଡି ଆଜି ଏକ ମଜଭୁତ ଆଞ୍ଚଳିକ ଦଳ ଭାବେ ପ୍ରତିଷ୍ଠା ପାଇଛି । ସମସ୍ତଙ୍କ ମନରେ ପ୍ରଶ୍ନ ଥିବ ବିଜେଡି କାହିଁକି ହାରିଲା ? ଏହି ପ୍ରଶ୍ନର ଉତ୍ତର ରଖିଛନ୍ତି ନବୀନ୍ । ସେ କହିଛନ୍ତି, ଆମେ ହାରିନାହୁଁ । କି ଲୋକଙ୍କ ବିଶ୍ୱାସ ବି ହରାଇ ନାହୁଁ । ବିଜେପି ମିଛ ପ୍ରତିଶ୍ରୁତି ଦେଇ, ଲୋକଙ୍କୁ ଭୁଆଁ ବୁଲାଇ କ୍ଷମତାକୁ ଆସିଛି । ଏତେ ମିଛ କହି ମଧ୍ୟ ବିଜେପି ଆମଠୁ କମ୍ ଭୋଟ୍ ପାଇଛି । ଆମର ଭୁଲ ହେଲା, ବିଜେପି ମିଛକୁ ଆମେ ଠିକ୍ ଭାବେ କାଉଣ୍ଟର କରିପାରିଲୁ ନାହିଁ । ସୋସିଆଲ ମିଡିଆରେ ବିଜେପିର ମିଛ ପ୍ରଚାରକୁ ଆମେ ଠିକ୍ ଭାବେ କାଉଣ୍ଟର କରିପାରିଲୁ ନାହିଁ । ଆଜି ଲୋକେ ଜାଣିଲେଣି ବିଜେପି ମିଛ କଥା କହି କ୍ଷମତା ଦଖଲ କରିଛି । ବର୍ତ୍ତମାନର ସରକାର ଲୋକଙ୍କୁ ବଡ଼ ଉପହାର ଦେଇଛନ୍ତି । ତାହା ହେଉଛି ଦରଦାମ୍ ବୃଦ୍ଧି । ଡାଲି, ଚାଉଳଠୁ ନେଇ, ତେଲ ଓ ପିନିପରିବା ବୃଦ୍ଧି ପାଇଛି । ପ୍ରତି ପରିବାର ଆଜି କାନ୍ଦୁଛି। ଧାନ କିଣା ବିକା ନେଇ ଚାଷୀ କାନ୍ଦୁଛି। ମିଶନ ଶକ୍ତି ମାଆମାନେ ଦୁଃଖରେ ଅଛନ୍ତି। କିନ୍ତୁ କୁମ୍ଭକର୍ଣ୍ଣ ନିଦରେ ଶୋଇଛି ଏ ସରକାର ।

## ସରକାରୀ ଯୋଜନାରୁ ବାଦ୍ ପଡ଼ିବେ ଅଯୋଗ୍ୟ ଚାଷୀ

### ପ୍ରକୃତ ଚାଷୀ ଖୋଜିବାକୁ ନୂଆ ବର୍ଷରୁ ପଞ୍ଜୀକରଣ

ଭୁବନେଶ୍ୱର,୨୬/୧୨: ସରକାରୀ ଯୋଜନାରୁ ବାଦ୍ ପଡ଼ିବେ ଅଣଚାଷୀ। ପ୍ରକୃତ ଚାଷୀ ଖୋଜିବେ ମୋହନ ସରକାର। ଜାନୁଆରୀରୁ ଆରମ୍ଭ ହେବ ପଞ୍ଜୀକରଣ। ଚାଷୀଙ୍କୁ ମିଳିବ ୧୪ ଟିକିଆ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି। ଡିଜିଟାଲ କୃଷକ କାର୍ଡ ବି ଯୋଗାଇ ଦେବେ ସରକାର। ଏଥିପାଇଁ ଚାଷୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବା ଲାଗି ସବୁ ଜିଲ୍ଲାପାଳମାନଙ୍କୁ ଆକ୍ସନ ପ୍ଲାନ ଏବଂ ଏସଓପିକୁ ପଠାଇଛି କୃଷି ବିଭାଗ। ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୧ରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ। ଏଥିପାଇଁ ସବୁ ପଞ୍ଚାୟତରେ ଖୋଲିବ ସ୍ୱତନ୍ତ୍ର ଶିବିର। ଏହି ଶିବିରରେ ୨ଜଣ ଲେଖାଏଁ ଗ୍ରାମ୍ୟ କୃଷି ସେବକ ଓ ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ। ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର, ବ୍ଲକ୍ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ। ଚାଷୀମାନେ ନିଜର ଆଧାର କାର୍ଡ, ଆଧାର ଲିଙ୍କ ଥିବା ମୋବାଇଲ ଫୋନ୍, ଜମି ପଟ୍ଟା ( ଯାହା ଭୂଲେଖରେ ରେକର୍ଡ ଥିବ) ଅବା ଖର୍ଦ୍ଦ ଦଲିଲ ଦାଖଲ କରି ପଞ୍ଜିକରଣ କରିବେ। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡ଼ିଶାର ହିତାଧିକାରୀଙ୍କ ପଞ୍ଜିକରଣ



ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜିକରଣ ମାର୍ଚ୍ଚ ୩୧ରୁ ଆରମ୍ଭ ହେବ, ଯାହା ୩ଟି ମାଧ୍ୟମରେ ବ୍ୟକ୍ତିଗତସ୍ତରରେ ଏଗ୍ରିଷ୍ଟାକ୍ ୱେବସାଇଟ୍ ଅବା ଆପ୍ ଜରିଆରେ, ଜନସେବା କେନ୍ଦ୍ରରେ ଓ ସହାୟକ ମଡେଲକୁ ଉପଯୋଗ କରି ଚାଷୀ ପଞ୍ଜିକରଣ କରାଯିବ। ମୋହନ ସରକାରଙ୍କ ଏହି ନିଷ୍ପତ୍ତି ପରେ ବେଶ୍ ଖୁସି ଅଛନ୍ତି ସରକାରୀ ଯୋଜନାରୁ ବାଦ୍ ପଡ଼ିଥିବା ଚାଷୀ। ସେମାନଙ୍କ ମଧ୍ୟରେ ଅଛନ୍ତି ଅତାବିରାର ଚାଷୀ ଦଶରଥ ଭୋଇ। ବାପ-ଅଜା ଅମଳରୁ ଚାଷ କରି ଆସୁଛନ୍ତି। କିନ୍ତୁ ଏଯାଏଁ କୌଣସି ସରକାରୀ ଯୋଜନା ପାଇ ନାହାନ୍ତି। କାଳିଆ ଓ ପିଏମ କିଷାନ ଯୋଜନାରୁ ବାଦ୍ ପଡ଼ିଛନ୍ତି ସେ। ସେହିପରି ଆଉ ଜଣେ ଚାଷୀ ହେଉଛନ୍ତି ବରଗଡ଼ର ସୁରେଶ ନିକାଣ୍ଡି। ତାଙ୍କ ନାଁ ବି ସରକାରଙ୍କ ଚାଷୀ ତାଲିକାରେ ନାହିଁ। ତେଣୁ ପ୍ରକୃତ ଚାଷୀଙ୍କୁ ସରକାରୀ ଯୋଜନାରେ ସାମିଲ ପାଇଁ ସରକାର ସର୍ଭେ କରିବାକୁ ଯାଉଥିବା ଖବରରେ ଉଭୟେ ବେଶ୍ ଆଶାବାଦୀ ସରକାରୀ ସୁବିଧା ପାଇବା ପାଇଁ। ପୁରୁଣା ସରକାରରେ ଅଣଚାଷୀ ଓ ଦଳୀୟ ଭିତ୍ତିରେ ଚାଷୀଙ୍କ ପାଇଁ ସରକାରୀ ଯୋଜନା ବାଣ୍ଟିବା ଏକ ବଡ଼ ପ୍ରସଙ୍ଗ ଥିଲା। ତେଣୁ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଦାନ ନିମନ୍ତେ ମୋହନ ସରକାରଙ୍କ ଏ ଡିଜିଟାଲ ଡାଟାବେସ୍ କେତେ ସଫଳ ହେଉଛି ତା'ଉପରେ ରହିଛି ସମସ୍ତଙ୍କ ନଜର।

## ୩ ବର୍ଷରେ ଦୁଇ ଗୁଣା ବଢିଛି ବାଘ ସଂଖ୍ୟା



ଭୁବନେଶ୍ୱର,୨୬/୧୨: ଢେଙ୍କାନାଳ ଜିଲ୍ଲାରେ ଗତ ୩ ବର୍ଷରେ ଦୁଇ ଗୁଣା ବଢିଛି ବାଘ ସଂଖ୍ୟା। ୨୦୨୧ ମସିହାରେ ଢେଙ୍କାନାଳର ବିଭିନ୍ନ ଜଙ୍ଗଲରେ କଲରାପତରିଆ ବାଘ ସଂଖ୍ୟା ୬ ଥିବା ବେଳେ ଏବେ ତାହା ବୃଦ୍ଧି ପାଇ ୧୨ରେ ପହଞ୍ଚିଛି। ଯାହା ଜଙ୍ଗଲ ବିଭାଗ ପାଇଁ ଆଣିଛି ଖୁସି ଖବର। ହେଲେ ଦୁଃଖର ବିଷୟ ବିଗତ ଦିନରେ ଦୁଇ ଦୁଇଟି ବାଘ ମୃତ୍ୟୁ ଓ ଶିକାରୀଙ୍କ ଫାସରେ ବାଘ ପଡିବା ଘଟଣା ବନବିଭାଗ ପାଇଁ ସୃଷ୍ଟି କରିଛି ନୂଆ ଚ୍ୟାଲେଞ୍ଜ। କାରଣ ଢେଙ୍କାନାଳ ବନଖଣ୍ଡରେ ମାତିଛନ୍ତି ଶିକାରୀ। ବାଘ ଛାଲ ପାଇଁ ବିଦ୍ୟୁତ ତାର ବିଛାଇ ବାଘ ଶିକାର କରିବାକୁ ସେମାନେ ପଛାଉ ନାହାନ୍ତି । ପୂର୍ବରୁ ହିନ୍ଦୋଳ କୋଇ ରିଜର୍ଭ ଫରେଷ୍ଟରେ ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ ଫାଶରେ ପଡି ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା ।ସେହିଭଳି ଦୁଦୁରକୋଟ ଗାଁ ଜଙ୍ଗଲରେ ମଧ୍ୟ ଅନ୍ୟ ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ନିକଟରେ ଢେଙ୍କାନାଳ-କେନ୍ଦୁଝର ସୀମାନ୍ତ ମହାବିରୋଡ ରେଞ୍ଜରେ ଶିକାରୀଙ୍କ ତାର ଜାଲରେ ପଡିଥିବା ଏକ କଲରାପତରିଆ ବାଘକୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କିନ୍ତୁ କିଏ ଏବଂ କାହିଁକି ତାର ବିଛାଇଥିଲା ତାହା ଏପର୍ଯ୍ୟନ୍ତ ତଦନ୍ତରେ ଜଣାପଡି ନଥିବା ବେଳେ ବନବିଭାଗ ପକ୍ଷରୁ ବାଘଙ୍କ ସୁରକ୍ଷା ପାଇଁ ସଠିକ ପାଟ୍ରୋଲିଂ ପ୍ରୋଟେକ୍ସନ ଦିଆଯାଉ ନଥିବାରୁ ବାଘ ବଂଶ ବିପଦରେ ବୋଲି କହିଛନ୍ତି ପରିବେଶବିତ୍ । । ଢେଙ୍କାନାଳ ଡିଏଫଓ କହିଛନ୍ତି ଶିକାରୀଙ୍କୁ ଧରିବା ମାତ୍ରେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବାଘ ବଂଶ ବୃଦ୍ଧି ଓ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

# ଚାଷୀଙ୍କ ବଇରୀ ବର୍ଷା

## ପୁଷ ମାସରେ ସର୍ବନାଶ, ବିଲରେ ଗଜା ଫିଟିଲା ପାଚିଲା ଧାନ



ବାଲିଅନ୍ତା/ବାଲିପାଟଣା,୨୬/୧୨: ଧାନଚାଷୀଙ୍କ ବଇରୀ ସାଜିଛି ବର୍ଷା। ପୁଷ ମାସରେ ଚାଷୀଙ୍କର ସର୍ବନାଶ କରିଦେଇଛି ଲଘୁଚାପ ବର୍ଷା। ବାଡ଼ିପଟେ ଖଳା ଫାଙ୍କା ପଡିଥିବା ବେଳେ ପାଚିଲା ଧାନବିଲରେ ପାଣି ଲହଡ଼ି ମାରୁଛି। ହଜାର ହଜାର ହେକ୍ଟର ଧାନ ଅମଳ ହୋଇ ନପାରି ବିଲରେ ଗଜା ହୋଇଗଲାଣି। ଚାଷୀ ଆଖିରୁ ଲୁହ ଶୁଖୁନି। ସାରା ବର୍ଷର ଝାଳବୁହା ପରିଶ୍ରମରେ ପାଣି ପଶି ଯାଇଛି। ଆଖି ସାମନାରେ ଆହାର ଭାସୁଛି। ବାଲିପାଟଣା ଓ ବାଲିଅନ୍ତା ବ୍ଲକ୍‌ର ହଜାର ହଜାର ଏକର ଚାଷଜମି ଅଦିନିଆ ବର୍ଷାରେ ପ୍ରଭାବିତ ହୋଇଛି। ୨୦ ଓ ୨୧ ତାରିଖ ଦୁଇଦିନ ଲଘୁଚାପ ବର୍ଷା ହୋଇଥିଲା। ଚାଷୀ ଭାବିଥିଲେ ବର୍ଷା ଛାଡୁ ଛାଡୁ ଧାନକୁ ବଞ୍ଚାଇବେ। ହେଲେ ୪୮ ଘଣ୍ଟା ନ ବିତୁଣୁ ପୁଣି ଲଗାଣ ବର୍ଷା ବୋଝ ଉପରେ ନଳିତା ବିଡ଼ା ହୋଇଯାଇଛି। ପାଣିରୁ ଛାଣି ଆଣିଲେ ସିନା, ହେଲେ ଅମଳ କରିବାକୁ ସୁଯୋଗ ନାହିଁ। ଏଭଳି ସ୍ଥିତି ଉଭୟ ବାଲିପାଟଣା ଓ ବାଲିଅନ୍ତା ବ୍ଲକ୍‌ରେ ରହିଛି। ଆକଳନ ମୁତାବକ ବାଲିପାଟଣା ବ୍ଲକ୍‌ରେ ମାତ୍ର ୨୩.୭୫% ଧାନ ଅମଳ ହୋଇଥିବା ବେଳେ ୭୬.୨୫% ଧାନ ବିଲରେ ପାଣିରେ ମିଶି ଯାଇଛି। ଏଥିରୁ ୧ ପ୍ରତିଶତ ମଧ୍ୟ ଅମଳ ହେବ ନାହିଁ ବୋଲି ଚାଷୀ କହିଛନ୍ତି। ବ୍ଲକ୍‌ରୁ ମିଳିଥିବା ସୂଚନା ଅନୁସାରେ ବାଲିପାଟଣାର ୧୭ପଞ୍ଚାୟତରେ ୯୫୨୦ ହେକ୍ଟର ଖରିଫ ଧାନ ଫସଲ ହୋଇଥିଲା। ସେଥିରୁ ୪.୫ ହଜାର ହେକ୍ଟର ଖାଲୁଆ ଜମି ଥିଲା। ଏ ଯାବତ୍ ୨୨୬୧ ହେକ୍ଟର ଜମିରୁ ଅମଳ ହୋଇଛି। ୯୫୦ ହେକ୍ଟର ଜମିରେ ଧାନ କଟା ହୋଇ ବିଲରେ ପଡ଼ିଥିଲା। ବାକି ଫସଲ କଟା ହୋଇନାହିଁ। ପମ୍ପାଲୋ ପଞ୍ଚାୟତରେ ସର୍ବାଧିକ ୧୦୭ ହେକ୍ଟର କଚଡ଼ା ପଡ଼ି ରହିଥିବା ବେଳେ, ଗାରେଡ଼ିପାଞ୍ଚଣରେ ୮୬ ହେକ୍ଟର, ଅଠାନ୍ତରରେ ୩୧, ମଝିହରାରେ ୪୭, ଗୁଆପୁରରେ ୪୪, କୁରୁଞ୍ଜିପୁରରେ ୬୮, ତୁରିନ୍ତିରାରେ ୫୯, ରାଜସରେ ୩୨, ଆଳିସିଶାସନରେ ୭୦, ମୁକୁନ୍ଦଦାସପୁରରେ ୨୫, ସୋମଣା ଶାସନରେ ୪୮, ଆମଣାକୁଦରେ ୪୭, ଭାପୁରରେ ୨୨, ଭାକରସାହିରେ ୫୮, ମାର୍ଥାପୁରରେ ୬୦, ନରିସୋରେ ୮୫, ଦେଉଳିଧରପୁରରେ ୬୧ ହେକ୍ଟର ଧାନ କଚଡ଼ା ପଡିଛି। ପରିବା ଚାଷ ବି ପ୍ରଭାବିତ ହୋଇଥିବା ବ୍ଲକ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହିଭଳି ବାଲିଅନ୍ତା ବ୍ଲକ୍‌ରେ ୧୬ଟି ପଞ୍ଚାୟତର ସମସ୍ତ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ପଞ୍ଚାୟତରେ କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା, ଝିଣ୍ଟିଶାସନ ରାଜସ୍ୱ ନିରୀକ୍ଷକ ସାରଦା ପ୍ରସନ୍ନ ପତି, ସମୀର ବେହେରା, ଦୁଃଖୀଶ୍ୟାମ ସ୍ୱାଇଁ, ବ୍ଲକ୍ ସହକାରୀ କୃଷି ଅଧିକାରୀ ସ୍ମିତିପ୍ରଜ୍ଞା ଖମାରୀ ଓ ଗ୍ରାମ କୃଷି କର୍ମଚାରୀ ସୁଶାନ୍ତ ସ୍ୱାଇଁଙ୍କ ସମେତ ଅନ୍ୟ ଗ୍ରାମ କୃଷି କର୍ମଚାରୀ, ରାଜସ୍ୱ ନିରୀକ୍ଷକ ଏବଂ ପଞ୍ଚାୟତ ଅଧିକାରୀ ବିଭିନ୍ନ ମୌଜା ବୁଲି ଆକଳନ କରୁଛନ୍ତି। ଅଞ୍ଜିରା, ବୁଦ୍ଧିପଡ଼ା, ରଣପୁର, ସରକଣା ଆଦି ଅଞ୍ଚଳରେ ମୁଖ୍ୟ ରାସ୍ତାକଡ଼ରେ ଚାଷୀମାନେ ଗଦାକରି ରଖିଥିବା ଧାନ ଯାଞ୍ଚ କରୁଛନ୍ତି। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବାଲିଅନ୍ତା ବ୍ଲକ୍‌ରେ ମୋଟ ୯.୮୭୦ ହଜାର ହେକ୍ଟର ଜମିରେ ଖରିଫ ଧାନଫସଲ କରାଯାଇଥିଲା। ସେଥିରୁ ୩୫ ପ୍ରତିଶତ ଧାନଫସଲ ବର୍ଷାରେ ନଷ୍ଟ ହୋଇଛି। ୩୦ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ ନିକଟକୁ ଚୂଡ଼ାନ୍ତ ଚିଠା ପଠାଯିବ। ଏହି ପରିମାଣ ଦୁଇଗୁଣା ହୋଇଯିବ ବୋଲି ଆଜିର ବର୍ଷା ପରେ ଆକଳନ କରାଯାଉଛି।

# ଭିଜୁଛି ଧାନ, କାନ୍ଦୁଛି ଚାଷୀ

## ନଷ୍ଟ ହୋଇଥିଲେ କିଣିବୁନି: ମନ୍ତ୍ରୀ

ଅନୁଗୁଳ/ଢେଙ୍କାନାଳ,୨୬/୧୨ (ନି.ପ୍ର): ଦୁଇ ଦିନ ହେଲା ବର୍ଷା ଛାଡୁନି। ବର୍ଷା ଯୋଗୁଁ ବିଲରେ ଥିବା ପାଚିଲା ଧାନ ଭିଜୁଛି। ଓଦା ଧାନକୁ ଦେଖି ଚାଷୀର ଆଖି ଓଦା ହୋଇଯାଉଛି। ବର୍ଷକର ପରିଶ୍ରମର ଫଳ ପାଣିରେ ପଡ଼ିଥିବା ଦେଖି କୋହ ସମ୍ଭାଳି ପାରୁନି। ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଶହ ଶହ ଏକର ଜମିର ଧାନ ପାଣି ଭର୍ତ୍ତି ବିଲରେ ରହି ନଷ୍ଟ ହେବାରେ ଲାଗିଛି। ଏଭଳି ସ୍ଥିତିରେ କେବଳ ଏଫ୍ଏକ୍ୟୁ ମାନର ଧାନ କିଣାଯିବ ବୋଲି ଯୋଗାଣ ମନ୍ତ୍ରୀ ସ୍ପଷ୍ଟ କରିବା ପରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଚଳିତ ବର୍ଷ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଭଲ ଧାନ ଫସଲ ହୋଇଥିଲା। କିନ୍ତୁ ଅଦିନିଆ ବର୍ଷା ଚାଷୀଙ୍କ ଆଶାରେ ପାଣି ଭରି ଦେଇଛି। ଧାନ କିଆରିରେ ପାଣି ଜମା ହୋଇଛି। ଧାନ ଗଛ ସବୁ ଶୋଇ ପଡ଼ିଛି। ପାଣିରେ ବତୁରି ଗଜା ହେବାକୁ ବସିଲାଣି। ଆଜି ସକାଳ ସୁଦ୍ଧା ଛେଣ୍ଡିପଦା ବ୍ଲକରେ ସର୍ବାଧିକ ୧୯.୪ ମିମି ବର୍ଷା ହୋଇଥିଲା ବେଳେ କଣିହାଁରେ ୫.୩ ମିମି ବର୍ଷା ହୋଇଛି। ଅନୁଗୁଳ ବ୍ଲକରେ ୧୩.୪ ମିମି, ବଣ୍ଟରପାଳରେ ୮.୪ ମିମି, ତାଳଚେରରେ ୯ମିମି, ଆଠମଲ୍ଲିକରେ ୯ ମିମି, କିଶୋରନଗରରେ ୧୨.୮ ମିମି ଓ ପାଲଲହଡ଼ାରେ ୫.୮ ମିମି ବର୍ଷା ହୋଇଛି। ପୁଣି ଦିନ ତମାମ ବର୍ଷା ଲାଗି ରହିଥିବାରୁ ସମସ୍ୟା ବଢ଼ିଛି। ଅନୁଗୁଳ ଜିଲ୍ଲାରେ ପ୍ରାୟ ୮୦ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା ବେଳେ ଏଥିରୁ ଅଧାଅଧି ଫସଲ ଅମଳ ହୋଇଛି। କିଛି ସ୍ଥାନରେ ଧାନ କଟା ହୋଇ କିଆରିରେ ପଡ଼ିଛି। ଏହି ଧାନ ସବୁ ନଷ୍ଟ ହେବା ନିଶ୍ଚିତ। ଏପଟେ ଜିଲ୍ଲାରେ ମଣ୍ଡି ଆରମ୍ଭ ହୋଇ ନଥିବାରୁ ଅମଳ ଧାନ ବି ଚାଷୀ ବିକି ପାରିନି। ଧାନ ରଖିବାକୁ ନେଇ ବି ସମସ୍ୟା। ବିଭିନ୍ନ ସ୍ଥାନରେ ଅମଳ ଧାନ ଓଦା



ହେଲାଣି। ଏପଟେ ବର୍ଷା ପାଇଁ ପନିପରିବା ଚାଷ ବି ନଷ୍ଟ ହେଲାଣି। ଏଥିନେଇ ଅନୁଗୁଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଲୀପ ମିଶ୍ର କହିଛନ୍ତି, ବର୍ଷା ପାଇଁ ଧାନ ଓ ପନିପରିବା ନଷ୍ଟ ହେବାର ଆଶଙ୍କା ରହିଛି। କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ କ୍ଷେତ୍ର ସ୍ତରରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପ୍ରକୃତ କ୍ଷୟକ୍ଷତି ଜଣାପଡ଼ିବ ବୋଲି ସେ କହିଛନ୍ତି। ତେବେ ଅନୁଗୁଳ, ବଣ୍ଟରପାଳ ଓ ଛେଣ୍ଡିପଦା ବ୍ଲକ୍‌ରେ ଅଧିକ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଏହି ୩ ବ୍ଲକରେ ଶହ ଶହ ଏକର ଜମିରେ ପାଣି ମାଡ଼ି ଯାଇଛି। ସ୍ଥିତି ଏମିତି ଯେ, ମୁଠାଏ ଧାନ ଅମଳ ହେବା ବି ସନ୍ଦେହ। ହାତୀ, ବାରହା ଦାଉରୁ ଧାନକୁ ସୁରକ୍ଷା ଦେଇ ଆସୁଥିବା ଚାଷୀ ବର୍ଷା ଆଗରେ ହାତ ଟେକି ଦେଇଛି। କେବଳ ଅମଳ କରିଥିବା ଧାନକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଦିନରାତି ଏକ କରି ଦେଉଛି। ଅନ୍ୟପଟେ ଏ ସଂପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଅସମୟରେ ବର୍ଷା ସମସ୍ତଙ୍କ ପାଇଁ ଦୁଃଖ ଆଣିଛି। ଯେଉଁମାନଙ୍କର ପ୍ରକୃତ କ୍ଷତି ହୋଇଛି, ସେମାନଙ୍କୁ କ୍ଷତିପୂରଣ ଦେବା ଲାଗି ସରକାର ଘୋଷଣା କରିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଧାନ କିଣାଯିବ। ଭଲ ଧାନ ଥିବା ସବୁ ଚାଷୀଙ୍କଠାରୁ ଧାନ କିଣାଯିବ। ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ଦିଆଯିବ। ତେବେ ନଷ୍ଟ ହୋଇଥିବା ଧାନକୁ ସରକାର କିଣିବେ ନାହିଁ। କାରଣ ଏଫସିଆଇ ତାହାକୁ ଗ୍ରହଣ କରିବ ନାହିଁ। ତେଣୁ ଏଫ୍ଏକ୍ୟୁ ମାନକୁ ନେଇ କୌଣସି ସାଲିସ୍ କରାଯିବ ନାହିଁ। କ୍ଷତିଗ୍ରସ୍ତ ଧାନ ବାବଦକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦେବେ ବୋଲି ମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ବିକାଶରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ



ଭୁବନେଶ୍ୱର,୨୬/୧୨: ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଏକାଧାରରେ ସାହିତ୍ୟିକ, ଗାଳ୍ପିକ, ସାମ୍ବାଦିକ, ସମାଜ ସଂସ୍କାରକ ତଥା ରାଜନେତା ଭାବେ ବେଶ ଜଣାଶୁଣା। ଦଳଗତ ନିର୍ବିଶେଷରେ ସେ ଥିଲେ ସମସ୍ତଙ୍କ ପ୍ରିୟ। ସେ ଥିଲେ ଅଜାତଶତ୍ରୁ। ଓୟୁଏଟିରେ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଓୟୁଏଟି କୃଷି ସେବା ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ, ସ୍ୱର୍ଗତ ବାଜପେୟୀଙ୍କ ନାମ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ୧୯୯୯ ମହାବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଓଡ଼ିଶା ଯେତେବେଳେ ହତାଶା ମଧ୍ୟରେ ଗତି କରୁଥିଲା, ସେତେବେଳେ ବାଜପେୟୀଜୀ ଓଡ଼ିଶା ଆସି ପ୍ରତ୍ୟେକ ରାଜ୍ୟବାସୀଙ୍କୁ ଆଶାର ଆଲୋକ ଦେଖାଇଥିଲେ। ବାଜପେୟୀଜୀ ଏହାକୁ ଏକ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ସହିତ ପ୍ରାରମ୍ଭିକ ପର୍ଯ୍ୟାୟରେ ୩ଶହ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। କେବଳ ସେତିକି ନୁହେଁ ରିଫାଇନାରି ସ୍ଥାପନ ଓ ଭୁବନେଶ୍ୱରରେ ଏମ୍ସ ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାଜପେୟୀଙ୍କ ସମୟରେ ହିଁ ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରାଯାଇ ସରକାରୀ ଭାଷାର ମର୍ଯ୍ୟାଦା ଦିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂହ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦ୍‌ବୋଧନ ଦେଇଥିଲେ। ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ 'ଭାରତ ରତ୍ନ ଅଟଳ ବିହାରୀ' ଓ 'ସାମାଜିକ ସମଦର୍ଶିତା' ନାମକ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ପାଣିରେ ଭାସୁଛି ସୁନାର ଫସଲ



କଟକ,୨୬/୧୨: ଲଗାଣ ବର୍ଷାରେ ଉଜୁଡ଼ି ଯାଇଛି ଚାଷ। ପାଣିରେ ଭାସୁଛି ପାଚିଲା ଧାନ। ଧାନରେ ଫିମ୍ପି ମାରିବା ସହ ଗମିଗଲାଣି। ପୁଣି କିଛି ଅଞ୍ଚଳରେ ଧାନ ଗଜା ହୋଇଗଲାଣି। ପାଣି ଭର୍ତ୍ତି ବିଲରୁ କଟା ଧାନ ଛାଣିବାକୁ ବି ଚାଷୀଙ୍କୁ ତର ନାହିଁ। ବହୁକଷ୍ଟରେ ଚାଷୀମାନେ ଯେଉଁ ଧାନ କଳେଇ ଛାଣି ଖଳାକୁ ଆଣିଥିଲେ, ତାହା ଅମଳ ଅବସ୍ଥାରେ ନାହିଁ। ଅନ୍ୟପଟେ ବର୍ଷା ଲାଗି ରହିଥିବାରୁ କ୍ଷୟକ୍ଷତିର ଆକଳନ ବି କରିପାରୁନି ପ୍ରଶାସନ। ବର୍ଷାରେ ଭିଜିବା ଯୋଗୁଁ ଧାନର ମାନ ହ୍ରାସ ପାଇବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। କଟକ ଜିଲ୍ଲାରେ ଏବେ ବି ୫୪ହଜାର ହେକ୍ଟର୍ ଜମିରୁ ଧାନ କଟା ଯାଇନି। ବହୁ ଅଞ୍ଚଳରେ ଧାନ କଟା ହୋଇନି। ବର୍ଷା ଯୋଗୁଁ ଚାଷଜମି ପାଣିରେ ଉବୁଟୁବୁ। ଏପଟେ ଓଦା ଧାନରୁ ଭଲ ଚାଉଳ ବାହାରିବନି। ଜିଲ୍ଲାର ଆଠଗଡ଼, ବାଙ୍କୀ, ସାଲେପୁର, ମାହାଙ୍ଗା, ବାରଙ୍ଗ, କଟକ ସଦର, କଣ୍ଟାପଡ଼ା, ନିଆଳି, ବାଙ୍କୀ-ଡମପଡ଼ା, ତିଗିରିଆ, ବଡମ୍ବା, ନରସିଂହପୁର, ନିଶ୍ଚିନ୍ତକୋଇଲି, ଟାଙ୍ଗୀ-ଚୌଦ୍ୱାର ସମସ୍ତ ୧୪ଟି ବ୍ଲକ୍‌ରେ ଧାନ, ମୁଗ, ବିରି, ପନିପରିବା ସବୁକିଛି ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଓ କୋହଲା ପାଗ ? ଯୋଗୁଁ କୋବି ଫସଲ ନଷ୍ଟ ହେବା ଆଶଙ୍କା ଥିବାରୁ ଚାଷୀମାନେ ଶସ୍ତାରେ ବିକ୍ରି କରୁଛନ୍ତି। ଜିଲ୍ଲାରେ ୧ ଲକ୍ଷ ୩୨ହଜାର ହେକ୍ଟର ଧାନ ଚାଷ ଜମି ରହିଛି। କୃଷି ବିଭାଗ ରିପୋର୍ଟ ଅନୁସାରେ ୬୨ ପ୍ରତିଶତ ଜମିରୁ ଧାନ ଅମଳ ସରିଥିବା ବେଳେ ବାକି ୫୪ ହଜାର ହେକ୍ଟର୍ ଜମିରୁ ଧାନ ଅମଳ ହୋଇନି। କେଣ୍ଡାରେ ପାଣି ଲାଗି ଧାନଗଛ ଶୋଇପଡ଼ିଛି। ବର୍ଷା ନ ଛାଡ଼ିବା ପର୍ଯ୍ୟନ୍ତ କ୍ଷୟକ୍ଷତି ଆକଳନ ସମ୍ଭବ ହେଉନି ବୋଲି ଜିଲ୍ଲା ଉପକୃଷି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମଧ୍ୟ ଆଲୋଚନା କରିଛନ୍ତି। କ୍ଷୟକ୍ଷତି ଆକଳନ ବେଳେ ଗାଁ ବଦଳରେ ଚାଷୀଙ୍କୁ ୟୁନିଟ୍ ଭାବେ ଗ୍ରହଣ କରାଯିବ। ଏହି ବ୍ୟବସ୍ଥା ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେଲେ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିପାରିବ ବୋଲି ଆଶା କରାଯାଇଛି। ତେବେ ପ୍ରାଥମିକ ଭାବେ ୫୭୦୦ ହେକ୍ଟର୍ ଚାଷ ଜମିରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏମିତି ସ୍ଥିତିରେ ମଣ୍ଡି ବିଳମ୍ବରେ ଖୋଲିବାକୁ ନିଷ୍ପତ୍ତି ହୋଇଛି। କଟକ ଜିଲ୍ଲାର ଆଠଗଡ଼ ଓ ବାଙ୍କୀ ଉପଖଣ୍ଡରେ ଚଳିତ ମାସ ୨୭ତାରିଖରୁ ଧାନ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ବର୍ଷା ପାଇଁ ଜାନୁଆରି ୩ରୁ ଆଠଗଡ଼ ଓ ବାଙ୍କୀ ଉପଖଣ୍ଡରେ ମଣ୍ଡି ଖୋଲିବ। କିନ୍ତୁ କଟକ ସଦର ଉପଖଣ୍ଡରେ ଧାର୍ଯ୍ୟ ଜାନୁଆରି ୬ରୁ ମଣ୍ଡି ଖୋଲିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।


# ଭିଜୁଛି ଧାନ, ନଷ୍ଟ ହେଉଛି ପରିବା: ୩୦ ସୁଦ୍ଧା ମିଳିବ କ୍ଷୟକ୍ଷତି ରିପୋର୍ଟ



ନୟାଗଡ଼,୨୬/୧୨ (ନି.ପ୍ର): ୮ଦିନ ଭିତରେ ଦୁଇଟି ଲଘୁଚାପ ବର୍ଷା ଯୋଗୁଁ ଚାଷୀକୁଳ ଚିନ୍ତାରେ ଅଛନ୍ତି। କାହାର ବିଲରେ ଧାନ ପଡ଼ିଛି ତ ଆଉ କାହାର ଖଳାରେ ଭିଜୁଛି। ଏମିତିକି ଗତ ସପ୍ତାହରେ ହୋଇଥିବା ବର୍ଷାରେ ଓଦା ହୋଇଥିବା ଧାନ ଶୁଖିନଥିବା ବେଳେ ଗତକାଲିଠାରୁ ପୁଣି ବର୍ଷା ଆରମ୍ଭ ହୋଇଛି। ଏଥର ନୟାଗଡ଼ ଜିଲ୍ଲାରେ ଧାନ ଚାଷ ଭଲ ହୋଇଥିଲା। ଧାନର ମାନ ଭଲ ଥିବାରୁ ସରକାରଙ୍କ ନୂତନ ଦର ଅନୁଯାୟୀ ଅଧିକ ଟଙ୍କା ମିଳିବ ବୋଲି ଚାଷୀମାନେ ଆଶା କରିଥିଲେ। ମାତ୍ର ଲଗାଣ ବର୍ଷାରେ ଧାନର ମାନ ଖରାପ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ଅନ୍ୟପଟେ ଗତ ସପ୍ତାହରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ପ୍ରାଥମିକ ଭାବେ କ୍ଷୟକ୍ଷତି ଆକଳନ କରାଯାଇଛି। ମାତ୍ର ଆସନ୍ତା ୩୦ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲ୍ଲା କୃଷି ଅଧିକାରୀ ସୁମନ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲା କୃଷି ଅଧିକାରୀଙ୍କ ସୂଚନା ମୁତାବକ, ବର୍ତ୍ତମାନ କୃଷି ବିଭାଗ ଓ ତହସିଲଦାର ମିଳିତ ଭାବେ କ୍ଷୟକ୍ଷତି ଆକଳନ କରୁଛନ୍ତି। ଖାଲି ଆଖିରେ ପ୍ରାଥମିକ ଭାବେ ଯେଉଁ ଆକଳନ କରାଯାଇଛି, ଏହା ଶତ ପ୍ରତିଶତ ଠିକ୍ ନୁହେଁ। ଏଣୁ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଉଛି। ଦିନେ ଦୁଇ ଦିନ ଭିତରେ ଏହା ଶେଷ ହେବ ଓ ନିର୍ଦ୍ଧାରିତ ସମୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଏହା ପରେ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। କୃଷି ବିଭାଗର କ୍ଷୟକ୍ଷତି ଆକଳନ ରିପୋର୍ଟକୁ ଚାଷୀମାନେ ଚାତକ ପରି ଚାହିଁ ରହିଛନ୍ତି। ନୟାଗଡ଼ ଜିଲ୍ଲାରେ ମୋଟ୍ ୧,୩୧,୧୩୪ ହେକ୍ଟର ଜମିରେ ଚାଷ କରାଯାଇଛି। ସେଥିମଧ୍ୟରୁ ୯୭,୫୩୩ ହେକ୍ଟର ଚାଷ ଜମିରେ ଧାନ, ବାକି ଜମି ସବୁରେ ଅଣଧାନ ଫସଲ। ୬ ହଜାର ହେକ୍ଟର ଚାଷ ଜମିରେ ପରିବା ଚାଷ ହେଉଥିବା ବେଳେ ସେଥିମଧ୍ୟରୁ ୫୦ ପ୍ରତିଶତ ଜମିରେ କେବଳ ବାଇଗଣ ଚାଷ ହେଉଛି। ବର୍ତ୍ତମାନ ବିଲରେ ଚାଷ ହୋଇଥିବା ପରିବା ଯଥା ବିଲାତି, ଫୁଲକୋବି ଓ ବନ୍ଧାକୋବି ନଷ୍ଟ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ଲଗାଣ ବର୍ଷା ଯୋଗୁଁ ବିଲରେ ପାଣି ଜମି ରୁହେ, ତେବେ ଆଳୁ ବିହନ ମଧ୍ୟ ନଷ୍ଟ ହୋଇଯିବ। ବୁଧବାର ଜିଲ୍ଲାରେ ୮୦.୯ ମିମି ବର୍ଷା ହୋଇଛି। ଭାପୁର ବ୍ଲକ୍‌ରେ ୧୮.୩ ମିମି, ଦଶପଲ୍ଲାରେ ୧୪ ମିମି, ଗଣିଆରେ ୭.୪ମିମି, ଖଣ୍ଡପଡ଼ାରେ ୧୧.୨ ମିମି, ନୟାଗଡ଼ରେ ୪.୩ ମିମି, ନୂଆଗାଁରେ ୩.୭ ମିମି, ଓଡ଼ଗାଁରେ ୯.୨ ମିମି ଓ ରଣପୁରରେ ୧୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ଦିନତମାମ ଲାଗି ରହିଥିବା ଏହି ବର୍ଷା ପାଇଁ ଜିଲ୍ଲାରେ ଜନଜୀବନ ମଧ୍ୟ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି।

# ପୂର୍ବତନ ଦାରିଙ୍ଗବାଡି ଡବ୍ଲ୍ୟୁଇଓ ରଞ୍ଜନ ଜେନାଙ୍କୁ ଚାରିବର୍ଷ କାରାଦଣ୍ଡ

## ଦଶ ହଜାର ଟଙ୍କା ଜୋରିମାନା



ଫୁଲବାଣୀ , ୨୬/୧୨: ଓଡିଶା ର ଭୁ ସ୍ୱର୍ଗ କୁହାଯାଉ ଥିବା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ରେ କାର୍ଯ୍ୟରତ ଡବ୍ଲ୍ୟୁଇଓ ଶ୍ରୀ ରଞ୍ଜନ ଜେନାଙ୍କୁ ଏକ ଲାଞ୍ଚ ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଚାରିବର୍ଷ ସଶ୍ରମ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ହେଲେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବବୋଲି ଆଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ,ତତ୍କାଳୀନ କିରିକୁଟି ୟୁଜି ଏମ ଇ ସ୍କୁଲ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସିଂଙ୍କ ମାଧ୍ୟାର୍ଣ୍ଣ ଭୋଜନର ବିଲ ପାସ କରିବାପାଇଁ ସେତେବେଳେର ଡବ୍ଲ୍ୟୁ ଇ ଓ ରଞ୍ଜନ ଜେନା କୁଆଡେ ଦଶ ହଜାର ଟଙ୍କା ଲାଞ୍ଚ ଦାବୀ କରିଥିଲେ । ତେବେ ପ୍ରଧାନ ଶିକ୍ଷକ ଶ୍ରୀ ସିଂ ଶେଷରେ ୬ ହଜାର ଟଙ୍କା ଦେବା ଲାଗି ରାଜି ହୋଇଥିଲେ କ୍ଷ ଆଉପୂର୍ବ ପ୍ରସ୍ତୁତି ପ୍ରକାରେ ୨୨ ଡିସେମ୍ବର ୨୦୧୬ ତାରିଖରେ ୬ ହଜାର ଟଙ୍କା ଲାଞ୍ଚ ଦେବା ବେଳେ ସେଠାରେ ଛକି ବସିଥ ?ିବା ଭିଜିଲାନ୍ସ ବିଭାଗ ଅଧିକାରୀ ପି. ଛତ୍ରିୟା, ଓ ସିକନ୍ଦର ହେମ୍ବ୍ରମ ପ୍ରମୁଖ ଜେନାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ସମସ୍ତ ଅର୍ଥ ଜବତ କରିଥିଲେ । ଆଜି ମଙ୍ଗଳବାର ଏହି ମାମଲାର ସାକ୍ଷ ପ୍ରମାଣକୁ ଭିତ୍ତକରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଅଭିଯୁକ୍ତ ରଞ୍ଜନ ଜେନାଙ୍କ ବିରୋଧରେ ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଭିଜିଲାନ୍ସ ପିପି ଭି ଭି ରାମଦାସ ମକଦମା ପରିଚାଳନା କରିଥିଲେ । ପ୍ରକାଶ ଥାଉକି ଦଶ ହଜାର ଟଙ୍କା ଅନା ଦେୟ ହେଲେ ପୂର୍ବତନ ଡବ୍ଲ୍ୟୁଇଓ ରଞ୍ଜନ ଜେନା ଙ୍କୁ ଆଉ ଅଧିକା ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ଉଲ୍ଲିଖିତ ରହିଛି ।

# ଯାଜପୁର ଠାରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ



ଯାଜପୁର, ତା ୨୬.୧୨.୨୦୨୪ ରିଖ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଏକଶହତମ ଜନ୍ମ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଶ୍ରୀ ରବିନ୍ଦ୍ର ନାରାୟଣ ବେହେରା କହିଲେ ଆଜି ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନାଁ ରେ ସୁଶାସନ ଦିବସ ରାଜ୍ୟ ଓ ଜିଲ୍ଲା ସ୍ତରରେ ପାଳନ କରାଯାଉଛି। ଯାଜପୁର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ସୁଶାସନ ଦିବସ ପାଳନ କରାଯାଉଛି। ଆଜି ସମଗ୍ର ଦେଶକୁ ସୁଶାସନ ଦେବାରେ ଅଟଳ ବିହାରୀ ବାଜପେୟୀ ଅନନ୍ୟ ଥିଲେ। ତାଙ୍କ ସେବା ପାଇଁ ଆଜି ଭାରତବର୍ଷରେ ଭାରତରେ ଏବଂ ଓଡ଼ିଶାରେ ସରକାର ବର୍ତ୍ତମାନ ଲୋକଙ୍କ ପାଖକୁ ଯିବ। ଲୋକମାନେ ସରକାରଙ୍କ ପାଖକୁ ଆସିବା ଦରକାର ନାହିଁ। ବର୍ତ୍ତମାନ ଡି.ବି.ଟି ଏବଂ ଯେତେ ପ୍ରକାର ଇ - ଗଭର୍ଣ୍ଣାସ ସେବା ଅଛି ଆମେ ଆଗାମୀ ଦିନରେ ଆହୁରି ଦୃଢୀଭୂତ କରିବୁ। ଏହି ଉତ୍ସବରେ ଅଧ୍ୟକ୍ଷତାକରି ପି. ଅନ୍ୱେଷା ରେଡ୍ଡୀ କହିଲେ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିବସ ଅବସରରେ ଗୁଡ଼ ଗଭର୍ଣ୍ଣାନ୍ସ ଦିବସ ଜିଲ୍ଲାସ୍ତରରେ ପାଳନ କରାଯାଉଛି।

# ଗଞ୍ଜାମ ଚାଷୀଙ୍କ ମେରୁଦଣ୍ଡରେ ପାହାର: ଗଜା ହେଲାଣି କଟା ଧାନ, ପଚିଯିବ ପରିବା

ବ୍ରହ୍ମପୁର,୨୬/୧୨: ସପ୍ତାହକ ତଳେ କ୍ଷେତରେ ହସୁଥିଲା ସୁନାର ଫସଲ। ଭଲ ଅମଳ ଆଶାରେ ଉତଫୁଲ୍ଲିତ ଚାଷୀ ଏବେ ନିରାଶ ଓ ହତାଶରେ ଜର୍ଜରିତ। ଧାନଠୁ ନେଇ ପନିପରିବା ଯାଏଁ ସବୁକିଛି ବରବାଦ କରିଦେଇଛି ଅଦିନିଆ ଲଘୁଚାପ ବର୍ଷା। ଲଗାତାର ୫ଦିନ ଧରି ବର୍ଷା କଟାଧାନକୁ ଛାରଖାର କଲା। ଦୁଇଦିନ ବର୍ଷା ଛାଡ଼ି କୋହଲା ପାଗ ବଳବତ୍ତର ରହିଲା। ଏବେ ବତୁରା ଧାନକୁ ପୁଣି ବର୍ଷାମାଡ଼। ଫଳରେ ଗଞ୍ଜାମ ଜିଲ୍ଲାରେ ଧାନଚାଷ ପୂରା ଧୋଇଯାଇଛି। ପାଣିରେ ଭିଜି ରହିଥିବା ଧାନ ଏବେ ଗଜା ହେବା ଉପରେ। ବର୍ଷା ମାଡ଼ରେ ପରିବା ମଧ୍ୟ ପଚିଯିବାର ଆଶଙ୍କା ଦେଖାଦେଇଛି। ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ଅଦିନିଆ ବର୍ଷା କ୍ଷୟକ୍ଷତିରୁ କେବଳ ସରକାରୀ ସହାୟତା ହିଁ ଅନ୍ନଦାତାଙ୍କୁ ରକ୍ଷା କରିବ। ଅନ୍ୟଥା ଚାଷୀକୁଳ ତଳିତଳାନ୍ତ ହେବା ଥୟ। ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷେ ମୋଟ ୪ଲକ୍ଷ ୫ହଜାର ୭୫୦ ହେକ୍ଟର



ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତନ୍ମଧ୍ୟରୁ ୧ଲକ୍ଷ ୭୮ହଜାର ୯୦୦ ହେକ୍ଟର ଜମିରେ ଧାନ ଓ ୧ଲକ୍ଷ ୨୬ହଜାର ୮୫୦ ହେକ୍ଟାର ଜମିରେ ଅଣଧାନ ଫସଲ କରିବାକୁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବର୍ଷା ଅଭାବ ଯୋଗୁଁ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ବିଲରେ ସୁନା ଫଳାଇଥିଲେ। ଡିସେମ୍ବର ୨୩ତାରିଖରୁ ଜିଲ୍ଲାରେ ଧାନମଣ୍ଡି ଖୋଲି ଚାଷୀଙ୍କଠାରୁ ଧାନକ୍ରୟ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ବେଳେ ୨୦ ତାରିଖରୁ ଆରମ୍ଭ ହୋଇଥିଲା ଲଘୁଚାପ ବର୍ଷା। ଅମଳ ପାଇଁ ବିଲରେ ଧାନ କାଟି ରଖିଥିବା ବେଳେ ତାହା ଭିଜି ନଷ୍ଟ ହୋଇଯାଇଛି। ଲଗାତାର ଦୁଇଟି ଲଘୁଚାପ ବର୍ଷା ମାଡ଼ରେ ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବିଲରେ ରହିଥିବା ଧାନରେ ପାଣି କାଦୁଅ ମିଶି ଯାଇଛି। ଚାଷୀ ସେଗୁଡ଼ିକ ସଂଗ୍ରହ କରି ଅମଳ କରିଥିବା ବେଳେ ତାହା ଗଜା ହୋଇ ଯାଉଥିବା ଦେଖିବାକୁ ମିଳୁଛି। ଖରା ନଥିବାରୁ ଧାନ ଶୁଖି ପାରୁନାହିଁ। ଏଭଳି ସ୍ଥିତିରେ ଚାଷୀଙ୍କୁ ଭଗବାନ ହିଁ ଭରସା। ଏଣୁ ସରକାର ନିର୍ଦ୍ଧାରଣ କରିଥିବା ଧାନର ମାନ କୋହଳ କରିବାକୁ ଓଡ଼ିଶା କୃଷକ ସଭାର ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡି କହିଛନ୍ତି। ଏହାସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଲାତି, ଫୁଲକୋବି, ଲଙ୍କା, ବାଇଗଣ ଆଦି ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଲଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ପରିବା ଚାଷ ଉଜୁଡ଼ି ଯାଇଛି ବୋଲି ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦ ପ୍ରତିଶତ ଜମିରୁ ଧାନକଟା ସରିଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ତେବେ ଆହୁରି ୨୦ ପ୍ରତିଶତ ଧାନଗଛ ଜମିରେ ରହିଛି। ଯେଉଁଠି ଶୀଘ୍ର ଚାଷ ହୋଇଥିଲା ସେହି ଧାନ କାଟି ଚାଷୀ ବିଲରେ ରଖିଥିବା ବେଳେ ବର୍ଷା ଯୋଗୁଁ ତାହା କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାରେ ଡିସେମ୍ବର ମାସରେ ହାରାହାରି ୮.୭ ମିମି ବର୍ଷା ହୋଇଥାଏ। କିନ୍ତୁ ବର୍ତ୍ତମାନ ସୁଦ୍ଧା ହାରାହାରି ୯୧.୪୪ ମିମି ବର୍ଷା ହୋଇ ସାରିଲାଣି। ଏଥିରୁ ପ୍ରକୃତି କିଭଳି ଦାଉ ସାଧୁଛି ତାହା ସ୍ପଷ୍ଟ। ଧାନ ଅମଳ ବେଳକୁ ଏଭଳି ଲଗାତାର ବର୍ଷା ଗତ ୪୦ବର୍ଷ ମଧ୍ୟରେ ଦେଖିବାକୁ ମିଳି ନଥିଲା ବୋଲି ଚାଷୀନେତା ଶ୍ରୀ ନାହାକ କହିଛନ୍ତି।

# ଅଫିସର ବଦଳିଲେ ନକ୍ସା ବଦଳୁଛି ମୁଖ୍ୟନାଳ ସହ ସଂଯୁକ୍ତ ହୋଇପାରୁନି ଡ୍ରେନ୍

ଭୁବନେଶ୍ୱର,୨୬/୧୨: ଅଫିସର ବଦଳିଲେ ନକ୍ସା ବଦଳି ଯାଉଛି। ଅଧିକାରୀମାନେ ନିଜ ନିଜ ପାରଦର୍ଶିତା ଦେଖାଇବାକୁ ଯାଇ ବିଚିତ୍ର ଯୋଜନା କରୁଛନ୍ତି। ଫଳରେ କେଉଁଠି କୋଟି କୋଟି ଟଙ୍କା ବରବାଦ ହେଉଥିବା ବେଳେ ଆଉ କେଉଁଠି ପ୍ରକଳ୍ପ ଆରମ୍ଭ ହୋଇ ପାରୁନାହିଁ। ଜନପ୍ରତିନିଧି ବା କର୍ପୋରେଟର କେବଳ ମାସକୁ ଥରେ କର୍ପୋରେସନ ବେ ?ଠକରେ ହୋ ହଲ୍ଲା କରୁଛନ୍ତି। ଅଧିକାରୀ ସେମାନଙ୍କ କଥା ଶୁଣୁ ନାହାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଡୁମୁଡୁମା ଅଞ୍ଚଳରେ। ଡ୍ରେନ୍ ନେଇ ବିଲରେ ଛାଡ଼ି ଦେଇଛନ୍ତି। ପ୍ରାକୃତିକ ନାଳରେ ସଂଯୁକ୍ତ କରିପାରି ନାହାନ୍ତି। ୭ ବର୍ଷ ହେଲାଣି ଲୋକ ଫସିଛନ୍ତି ଆଉ ଚାଷ ଜମି ପଡ଼ିଆ ପଡ଼ିଛି। ଯା ଭିତରେ ବିଏମ୍‌ସିର ୩ ଜଣ କମିସନର ବଦଳିଗଲେଣି। ଦୁଇଜଣ ସିଟି ଇଞ୍ଜିନିୟର ବି ଗଲେଣି। ଏବେ ନୂଆ ଅଧିକାରୀ ପୁରୁଣା ନକ୍ସାକୁ ବାତିଲ କରିବାକୁ ବସିଛନ୍ତି। ଯାହା ଫଳରେ ପୂର୍ବରୁ ଯେଉଁ ନୀଳ ନକ୍ସା ପ୍ରସ୍ତୁତ ହୋଇଥିଲା ସେ ଅନୁସାରେ କାମ ନହେବା ଥୟ ହୋଇଛି। ରାଜଧାନୀର ସର୍ବବୃହତ୍ ଡୁମୁଡୁମା ହାଉସିଂବୋର୍ଡ କଲୋନିର ଫେଜ୍-୧ରୁ ଫେଜ୍-୭ ପର୍ଯ୍ୟନ୍ତ ଓ ଡୁମୁଡୁମା, ଯଦୁପୁର, ବେଗୁନିଆ ଭଳି ପୁରୁଣା ଗାଁ ବିଏମ୍‌ସିର ୬୪, ୬୫ ଓ ୬୬ ନମ୍ବର ୱାର୍ଡରେ ରହିଛି। ଏହି ତିନି ୱାର୍ଡର ଶତକଡ଼ା ୭୦ ଭାଗ ଡ୍ରେନ୍ ପ୍ରାକୃତିକ ନାଳକୁ ସଂଯୁକ୍ତ ହୋଇନାହିଁ। ଏସବୁ ଜଳ ଯଦୁପୁର, ବେଗୁନିଆ ଗହୀରକୁ ଯାଉଛି। ମଇଳା ପାଣି ସିଧାସଳଖ ଧାନବିଲରେ ଜମି ରହୁଛି। ପୂର୍ବରୁ ଏହାକୁ ସମାଧାନ କରିବାକୁ ବିଏମ୍‌ସି ଏକାଧିକ ବାର ଯୋଜନା କରିଛି। ଏଠାରୁ ତିନି କିମି ନଳା ତିଆରି ହେଲେ ପୋଖରିପୁଟ ପଛରେ ଥିବା ପ୍ରାକୃତିକ ନଳା-୯ରେ ସଂଯୁକ୍ତ ହୋଇପାରିବ। ଆଉ ସମସ୍ୟା ରହିବନାହିଁ। ଏଥିପାଇଁ ବିଏମ୍‌ସି ସର୍ଭେ କରି ଟେଣ୍ଡର କରିବାକୁ ଯୋଜନା କରିଥିଲା। ହେଲେ ତତ୍କାଳୀନ କମିସନର ବିଜୟ ଅମୃତା କୁଲାଙ୍ଗେଙ୍କର ରାତିଅଧିଆ ବଦଳି ହୋଇଗଲା। ପୂର୍ବରୁ ଥିବା ସିଟି ଇଞ୍ଜିନିୟର ଅରୁଣ ନାୟକ ମଧ୍ୟ କାର୍ଯ୍ୟରୁ ଅବସର ନେଲେ। ଏବେ ସିଟି ଇଞ୍ଜିନିୟର ବିଳାସ ବେହେରା ଓ କମିସନର ରାଜେଶ ପ୍ରଭାକର ପାଟିଲ ଏହି ସମସ୍ୟାର ସମାଧାନ ପାଇଁ ନୂଆ ବାଟ ଖୋଜୁଥିବା ଜଣାପଡ଼ିଛି। ପୂର୍ବରୁ ସାଢ଼େ ୪ ଫୁଟ୍ ଓସାରର ଡ୍ରେନ୍ ତିଆରି କରିବାକୁ ସ୍ଥିର ହୋଇଥିଲା। ପରେ ଏହାର ଓସାର ୮ଫୁଟ କରିବାକୁ ପୁରୁଣା ଯୋଜନା ବାତିଲ କରିଦେଲେ। କିନ୍ତୁ ଏହି ଯୋଜନା ମଧ୍ୟ ଝୁଲି ରହିଛି। ଏବେ ଅର୍ଥ ନଥିବାରୁ ଏ ସବୁ ପ୍ରସ୍ତାବ ଉପରେ ବିଏମ୍‌ସି ଆଲୋଚନା କରିବାକୁ ମଧ୍ୟ ଚାହୁଁନାହିଁ। ବିଏମ୍‌ସି ନିଜସ୍ୱ ପାଣ୍ଠି ଏଣେତେଣେ ଖର୍ଚ୍ଚ ହୋଇଥିବାରୁ ଏଠାରେ ଜନସ୍ୱାର୍ଥ ବଳି ପଡ଼ିଛି। ନଳା ନହେବା ଦ୍ୱାରା ହାଉସିଂବୋର୍ଡର ଡ୍ରେନ୍ ପାଣି ବିଲରେ ଜମା ହେଉଛି। ଫଳରେ ୩୦ରୁ ୫୦ ଏକର ଚାଷଜମି ନଷ୍ଟ ହେବାକୁ ବସିଛି। ୭ ବର୍ଷ ହେଲାଣି ଜମି ପଡ଼ିଆ ପଡ଼ିଛି। କେବଳ ଚାଷ ଜମି ନୁହେଁ, ବରଂ ବେଗୁନିଆରେ ୬୦ ଲକ୍ଷ ଓ ଯଦୁପୁରରେ ୫୦ ଲକ୍ଷ ବ୍ୟୟରେ ପୁନରୁଦ୍ଧାର ହୋଇଥିବା ଦୁଇ ପୋଖରୀ ପାଣି ବ୍ୟବହାରଯୋଗ୍ୟ ହୋଇ ରହିନାହିଁ।

## ସଂପାଦକୀୟ

# ଦେଶପ୍ରତି ସମ୍ମାନ

ହାସ୍ୟକାର ଅଭିନେତା ବୀର୍ ଦାସ । ଆମେରିକାର ରାଜଧାନୀ ୱାଶିଂଟନ ଡିସିସ୍ଥିତ ଜନ୍ ଏଫ୍ କେନେଡି ସେଂଟରରେ 'ଆଇ କମ୍ ଫ୍ରମ ଟୁ ଇଣ୍ଡିଆସ୍' ଶୀର୍ଷକ ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମର ଏକ ୭ ମିନିଟର ଭିଡିଓ ୟୁଟ୍ୟୁବରେ ପ୍ରସାରିତ ହୋଇଛି । ଯେଉଁଥିରେ ସେ କହୁଛନ୍ତି ମୁଁ ଏପରି ଏକ ଦେଶରୁ ଆସିଛି ତାହା ଦୁଇ ପ୍ରକାର । ଯେଉଁଠି ଦିନବେଳା ମହିଳାଙ୍କୁ ପୂଜା କରାଯାଏ କିନ୍ତୁ ରାତିରେ ଗଣବଳତ୍କାର କରାଯାଏ । ବୀର୍ ଦାସ ଦେଶ ବିରୋଧରେ ଆହୁରି ଏପରି ଅପଶବ୍ଦ ପ୍ରୟୋଗ କରିଛନ୍ତି ତାହା ବର୍ଣ୍ଣନା ନ କରିବା ଭଲ । ସେ ଯେଉଁଠାରେ ଜନ୍ମ ହୋଇଛନ୍ତି, ଯେଉଁଠାରେ ସେ ବୀର୍ ଦାସ ରୂପେ ତିଆରି ହୋଇଛନ୍ତି, ଯେଉଁଠାରୁ ସେ ଧନ ଅର୍ଜନ କରୁଛନ୍ତି, ଯେଉଁଠି ଲୋକପ୍ରିୟତା ହାସଲ କରିଛନ୍ତି, ସେହି ଦେଶ ବିରୋଧରେ ଆମେରିକାରେ ଯେଉଁ ଅପଶବ୍ଦ କହିଛନ୍ତି ତାହ ଅକ୍ଷମଣୀୟ । ଏଘଟଣା ଚାରିଆଡେ ଯୋରଦାର ବିରୋଧ ହେବାପରେ ନିଜର ସ୍ୱଷ୍ଟିକରଣରେ କହିଛନ୍ତି ଯେ, ସେ କେବଳ ଭାରତ ବିରୋଧାଭାସକୁ ସାମନାକୁ ଆଣିଛନ୍ତି । ଭାରତ ଏକ ମହାନ ଦେଶ ଏବଂ ଆମେ ଆମର ମହାନତାକୁ ମନେରଖିବା ଉଚିତ । ସାତ ମିନିଟର ଭିଡିଓର ଶେଷରେ ଯେଉଁ ତାଳି ହୋଇଛି ତାହା ଭାରତ ପ୍ରତି ଦେଶଭକ୍ତିର ପ୍ରମାଣ । ଏବେ ପ୍ରଶ୍ନ ହେଉଛି ଦେଶଭକ୍ତିର ଏହି ପ୍ରମାଣ ହାସଲ ପାଇଁ ବୀର୍ ଦାସକୁ ନିଜ ଦେଶ ବିରୋଧରେ ଅପପ୍ରଚାର କରିବାର କଣ ଆବଶ୍ୟକ ଥିଲା ? ଏହିପରି ଭ୍ରାତାଙ୍କ ବଦନକୁ ଆମ ଦେଶ ଚିହ୍ନିବା ଦରକାର । ଏହିପରି ଲୋକ ଆମ ଦେଶକୁ ବିକି ପଇସା କମାଇବାରେ ବ୍ୟସ୍ତ । ଏବେ ଚିନ୍ତା କରନ୍ତୁ ଆଜି ଯଦି ଭାରତର ବଡ ବଡ କ୍ରାନ୍ତିକାରୀମାନେ ଥାନ୍ତେ, ଯେଉଁମାନେ କି ନିଜର ଜୀବନ ବଳିଦାନ ଦେଇ ଭାରତକୁ ସ୍ୱାଧୀନ କରିଛନ୍ତି, ଏହିପରି ଲୋକମାନଙ୍କୁ ଦେଖିଲା ପରେ ସେମାନଙ୍କର ଆତ୍ମା କିପରି ହେଉଥିବ । ଆମ ଦେଶରେ ଅନେକ କାର୍ଟୁନିଷ୍ଟ ଅଛନ୍ତି, ଅନେକ ହାସ୍ୟ ଅଭିନେତା ଅଛନ୍ତି, ଅନେକ ନେତା ଅଛନ୍ତି କିନ୍ତୁ ସମସ୍ତେ ଏକାପରି ନୁହଁନ୍ତି । ଯେଉଁମାନେ ଦେଶ ବିରୋଧରେ ଏପରି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ଯଦି ଏମାନଙ୍କ ବିରୋଧରେ ଦେଶ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ ସେମାନେ ସୀମା ଟପିଯିବେ, ଦିନକୁ ଦିନ ସେମାନଙ୍କର ସାହସ ବଢ଼ିବା ସହିତ ସେମାନଙ୍କର ସଂଖ୍ୟା ବଢ଼ିଚାଲିବ । ସାରା ବିଶ୍ୱକୁ ଏହି ସନ୍ଦେଶ ଯିବ ଯେ ଭାରତର ଲୋକ ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ନିଜ ଦେଶକୁ ବିକି ପାରିବେ, ଖଣ୍ଡିତ କରିପାରିବେ, ଦେଶ ସହିତ ପ୍ରତାରଣା କରିପାବେ, ନିଜର ଚରିତାର୍ଥ ପୁରଣ କରିବା ପାଇଁ ଦେଶର ଛବିକୁ ଖରାପ କରିଦେଇ ପାରିବେ । ଏବେ ପ୍ରଶ୍ନ ଉଠୁଛି ଲୋକଙ୍କର ଏପରି ମାନସିକତା କେତେ ଦିନ ପର୍ଯ୍ୟନ୍ତ ? ଦେଶର ସମ୍ମାନକୁ ଆଘାତ ଦେଉଥିବା ମାନସିକତା କେବେ ଶେଷ ହେବ ? ଯଦି କୌଣସି ବ୍ୟକ୍ତି ସମାଜ କିମ୍ବା ଦେଶକୁ ମହାନ ହେବାକୁ ଚାହେଁ ତେବେ ତାଙ୍କ ପାଇଁ ସମ୍ମାନ ପାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଅନ୍ୟ ଦେଶକୁ ଯାଇ ଯଦି ଦେଶପ୍ରତି ସମ୍ମାନର ଭାବନା ଜାଗ୍ରତ ନକରି ପାରିଲ ତେବେ ସବୁ ଆଶା, ସବୁ ଭରସା ଓ ସମ୍ମାନ ପାଣି ଫୋଟକା ପରି ମିଳେଇଯିବ ।

# ସେବା ହିଁ ଧର୍ମ

ମାନବ ସେବା ହିଁ ମାଧବ ସେବା' । ସ୍ୱାର୍ଥସର୍ବସ୍ୱ ଜୀବନ ବ୍ୟର୍ଥ । ଯେଉଁ ମଣିଷ ନିଜେ ବସବାସ କରୁଥିବା ସଂସାରର ହିତ ଚାହେଁନା ତା' ଜୀବନ ପଶୁବତ୍ । ଶାସ୍ତ୍ରରେ ଅଛି: "ପରୋପକାରଃ ପୁଣ୍ୟାୟ ପାପାୟ ପର ପୀଡ଼ନମ୍" । ବାଇବେଲ୍‌ରେ ମଧ୍ୟ ଅନ୍ୟର ସେବା କରିବା ଉଦ୍ଦେଶ୍ୟରେ ଉଲ୍ଲେଖ ଅଛି – "Whoever is kind to the poor lends to the LORD, and he will reward them for what they have done." (NIV Proverb ୧୯:୧୭)

ଜଗନ୍ନାଥ ଦାସଙ୍କ ଭାଷାରେ:
'ଏ ଆତ୍ମାଜ୍ଞାନୀଙ୍କର ସାର ।
ସଂସାରେ ଜନଉପକାର' ॥୫॥
(ତୃତୀୟ ସ୍କନ୍ଧ, ପ୍ରଥମ ଅଧ୍ୟାୟ, ଓଡ଼ିଆ ଭାଗବତ)

ଅର୍ଥାତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ମାନବ ସେବାକୁ ପରମ ଧର୍ମ ରୂପେ ଗ୍ରହଣ କରିବା ଉଚିତ । ଧର୍ମର ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଗଲେ ହିଁ ଦେଶ ତଥା ମାନବ ସମାଜର ସାମଗ୍ରୀକ ଉନ୍ନତି ସାଧନ ହେବ ।

ଶିକ୍ଷଣ ସହ ମାନବ ସେବାକୁ ପରମ ଧର୍ମ ରୂପେ ଗ୍ରହଣ କରିବା ଉଦ୍ଦେଶ୍ୟରେ ଦେଶର ଶିକ୍ଷାନୁଷ୍ଠାନ ମାନଙ୍କରେ ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା, ଏନ୍‌ସିସି, ଭାରତ ସ୍କାଉଟ୍ ଓ ଗାଇଡ୍‌ର ଶାଖାମାନ ଖୋଲି ଛାତ୍ରଛାତ୍ରୀଙ୍କୁ ଦେଶମାତୃକାର ସେବା କରିବା ପାଇଁ ଏକ ସୁଯୋଗ ପ୍ରଦାନ କରାଯାଉଛି । ମାନବିକତା, ନିରପେକ୍ଷାତା, ନିଷ୍ପକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା, ସର୍ବବ୍ୟାପକତା ଭଳି ସାତୋଟି ମୂଳ ସିଦ୍ଧାନ୍ତ ଉପରେ ଆଧାରିତ ରେଡକ୍ରସ୍ ଆନ୍ଦୋଳନରେ ୧୯୨୦ରୁ ସାମିଲ ହୋଇଥିବା ଭାରତ ୧୯୨୫ ମସିହାରୁ ଯୁବଗୋଷ୍ଠୀକୁ ସେବାକାର୍ଯ୍ୟରେ ସାମିଲ କରିବା ଆରମ୍ଭ କଲା । ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ସ୍ୱେଚ୍ଛାସେବୀ ମାନବବାଦୀ କାର୍ଯ୍ୟରେ ନିୟୋଜିତ । ୧୪ ରୁ ୧୭ ବର୍ଷ ପର୍ଯ୍ୟନ୍ତ ଜୁନିୟର ରେଡକ୍ରସ୍ ଓ ୧୮ ରୁ ୩୦ ବର୍ଷ ମଧ୍ୟରେ ୟୁଥ୍ ରେଡ୍‌କ୍ରସ୍‌ରେ ସାମିଲ ହେବାର ସୁଯୋଗ ପାଇ ଛାତ୍ରଛାତ୍ରୀ ନିଜର ଶକ୍ତି, ଯୋଜନା ଓ ଅଭିନବୀକରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରି ଥାଆନ୍ତି । ଏହି ସବୁ ୟୁନିଟ ଜଣେ ଜଣେ ପରାମର୍ଶଦାତାଙ୍କ ନେତୃତ୍ୱରେ ନିଜ ନିଜ ଶିକ୍ଷାନୁଷ୍ଠାନ, ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ଆୟୋଜିତ ବିଭିନ୍ନ କ୍ୟାମ୍ପରେ ସାମିଲ ହୋଇ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ପ୍ରାକୃତିକ ଓ ମାନବକୃତ ଆପଦ କାଳରେ ସହାୟତା ପ୍ରଦାନ, ପରିବାର ପୁନଃମିଳନ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଏଚ୍‌ଆଇଭି/ଏଡ୍‌ସ୍ ସଚେତନତା, ସଡ଼କ ସୁରକ୍ଷା, ଆଇନ ସଚେତନତା ଭଳି ବିଭିନ୍ନ ସାମୁଦାୟିକ କଲ୍ୟାଣ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥାଆନ୍ତି ।

ଦେଶରେ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ୱେଚ୍ଛାକୃତ ଜାତୀୟ ସେବା ସଂସ୍ଥା ଆରମ୍ଭ କରିବା ପାଇଁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସୁପାରିଶ କ୍ରମେ ୧୯୬୯ ମସିହା ୨୪ ସେପ୍ଟେମ୍ବର ଦିନ ଦେଶର ୩୭ଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୁଭାରମ୍ଭ ହେଲା । ସେ ସମୟର ସ୍ୱେଚ୍ଛାସେବୀ ସଂଖ୍ୟା ୪୦୦୦୦ ଥିଲା, ଯାହା ବର୍ତ୍ତମାନ ୩୯୬ଟି ବିଶ୍ୱବିଦ୍ୟାଳୟ/ +୨ କାଉନସିଲ୍, ୧୬,୩୩୧ଟି ମହାବିଦ୍ୟାଳୟ/ ବୈଷୟିକ ଅନୁଷ୍ଠାନ, ୨୮,୬୨୧ଟି ସିନିୟର ସେକେଣ୍ଡାରୀ ସ୍କୁଲରେ ସମୁଦାୟ ୪୧,୪୪୨ ଟି ୟୁନିଟରେ ୩.୮୬ ମିଲିୟନ୍ ସ୍ୱେଚ୍ଛାସେବୀ ପଞ୍ଜିକୃତ । ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ଯୋଜନାରେ ଏକାଦଶ

**ଅଧ୍ୟାପକ ଗୋବିନ୍ଦ ସାହୁ**

ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀମାନେ ସାମୁଦାୟିକ ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାଆନ୍ତି । ଅଭାବୀ ଲୋକଙ୍କୁ ସହାୟତା କରିବାକୁ ବଦ୍ଧପରିକର ଏହି ସ୍ୱେଚ୍ଛାସେବୀମାନେ ସେବାକାର୍ଯ୍ୟ ସମୟରେ ପରିଧାନ କରୁଥିବା ବ୍ୟାଜ୍ ଦେଶସେବାରେ ଅହର୍ନିଶି ପ୍ରସ୍ତୁତ ଥିବାର ସୂଚୀତ କରିଥାଏ । ସେବା ମଧ୍ୟରେ ଜାତୀୟ ସଂହତି କ୍ୟାମ୍ପ, ଶ୍ରମଦାନ, ସ୍ୱେଚ୍ଛାକୃତ ରକ୍ତଦାନ, ବୃକ୍ଷରୋପଣ, ବିପର୍ଯ୍ୟୟ ପ୍ରଶମନ, ପ୍ରତିଶେଧନ ତଥା ଦୁଃସାହସିକ କାର୍ଯ୍ୟରେ ଭାଗନେବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ସେବା ମାଧ୍ୟମରେ ଯୁବଗୋଷ୍ଠୀ ମଧ୍ୟରେ ଜାତୀୟତାଭାବ ଜାଗ୍ରତ ହେବା ସହ ନିଜର ଅନ୍ତର୍ନିହିତ ଶକ୍ତିର ମଧ୍ୟ ବିକାଶ କରିବାକୁ ତାଙ୍କୁ ଯଥେଷ୍ଟ ଅବକାଶ ମିଳିଥାଏ । ସେଥି ସକାଶେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଯୁବଗୋଷ୍ଠୀର ଉନ୍ନତି ନିମନ୍ତେ ଜାତୀୟ ସ୍ତରରେ ଜାତୀୟ ସଂହତି ଶିବିର, ଜାତୀୟ ଯୁବ ଉତ୍ସବ, ପର୍ବତାରୋହଣ, ପାରା ସେଲିଙ୍ଗ୍ ଓ ବେସିକ୍ ସ୍କାଇଙ୍ଗ୍ ଭଳି ଦୁଃସାହସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।

୧୯୪୮ ରେ ପ୍ରତିଷ୍ଠିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମଧ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏକ ସ୍ୱେଚ୍ଛାସେବୀ ସଂଗଠନ । ଏହା ମାଧ୍ୟମରେ ଦେଶବ୍ୟାପୀ ଶିକ୍ଷାନୁଷ୍ଠାନ ମାନଙ୍କରେ ସେନାଛାତ୍ରମାନଙ୍କୁ ନିଯୁକ୍ତ କରି ମୌଳିକ ସୈନ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଏ । "ଏକତା ଓ ଅନୁଶାସନ"କୁ ନିଜ ଆଦର୍ଶ ରୂପେ ଗ୍ରହଣ କରି ସ୍ୱେଚ୍ଛାସେବୀ ବାର୍ଷିକ ମିଳିତ ପ୍ରଶିକ୍ଷଣ ଶିବିର, ଜାତୀୟ ସଂହତି ଶିବିର, ଉନ୍ନତ ନେତୃତ୍ୱ ଶିବିର, ସେନା ସଂଲଗ୍ନ ଶିବିର, ହାଇକିଂ ଓ ଟ୍ରେକିଂ ଶିବିର, ସର୍ବଭାରତୀୟ ନୌକ୍ରୀଡ଼ା, ପର୍ବତାରୋହଣ ଶିବିର ସମେତ ସ୍ଥଳସେନା, ବାୟୁସେନା ଓ ନୌସେନା ଶିବିର ବ୍ୟତୀତ ଗଣତନ୍ତ୍ର ଦିବସ ଶିବିର ଏବଂ ମିତ୍ରରାଷ୍ଟ୍ରମାନଙ୍କ ସହ ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ଦେଶର ଏକତ୍ରିତ, ଧର୍ମନିରପେକ୍ଷ ଓ ଶୃଙ୍ଖଳିତ ନାଗରୀକ ରୂପେ ଗଢ଼ିବାର ସୁଯୋଗ ପାଇଥାଆନ୍ତି । ୧୯୬୫ ଓ ୧୯୭୧ ଯୁଦ୍ଧକାଳରେ ସମର ଶିକ୍ଷାର୍ଥୀ ବାହିନୀ ନିଜର ଶୌର୍ଯ୍ୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛି । ସଂପ୍ରତି ଦେଶର ୧୭ ନିର୍ଦ୍ଦେଶାଳୟ ଅଧିନରେ ୬୮୪ ସ୍ଥଳସେନା, ୬୯ ନୌସେନା ଓ ୬୧ ବାୟୁସେନା ୟୁନିଟ୍ ସମେତ ୮୧୪ ୟୁନିଟ୍‌ରେ ପ୍ରାୟ ୧.୫ ମିଲିୟନ ସେନାଛାତ୍ର ସେବାରତ ।

ସ୍ୱାଧୀନ ଭାରତରେ ନଭେମ୍ବର ୭, ୧୯୫୦ ରେ ପ୍ରତିଷ୍ଠିତ ଭାରତ ସ୍କାଉଟ୍ ଓ ଗାଇଡ୍‌ର ସ୍ୱେଚ୍ଛାସେବୀ ଈଶ୍ୱର ଓ ଦେଶ ପ୍ରତି କର୍ତ୍ତବ୍ୟ, ଅନ୍ୟଙ୍କୁ ସାହାଯ୍ୟ କରିବା ସହ ସ୍କାଉଟର ସମସ୍ତ ନିୟମ ପାଳନ କରିବାକୁ ଶପଥ ନେଇ ଥାଆନ୍ତି । ସ୍ୱେଚ୍ଛାସେବୀମାନେ ବିଶ୍ୱାସଯୋଗ୍ୟ, ନିଷ୍ଠାବାନ, ଶିଷ୍ଟ, ସାହସୀ, ମିତବ୍ୟୟୀ, ମାନବ, ପଶୁ-ପକ୍ଷୀ ଓ ପ୍ରକୃତି ପ୍ରେମୀ ହେବା ସହ ଚିନ୍ତନ, କଥା ଓ କର୍ମରେ ଶୁଦ୍ଧ ରହିଥାଆନ୍ତି । ସଂପ୍ରତି ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭାରତ ସ୍କାଉଟ୍ ୱିଙ୍ଗ୍‌ରେ ୩,୬୮୭,୧୨୭ ଓ ଗାଇଡ୍ ୱିଙ୍ଗ୍‌ରେ ୨,୦୦୮,୫୪୯ ଜଣ ସ୍ୱେଚ୍ଛାସେବୀ ସେବାରତ ।

ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ ଓ ଗାଇଡ୍ ଭଳି ସଂସ୍ଥା ସହିତ ଜଡ଼ିତ ହୋଇ ବ୍ୟକ୍ତିଗତ ସ୍ୱାର୍ଥରୁ ବହୁ ଉର୍ଦ୍ଧ୍ୱରେ ମାନବ ସମାଜ ତଥା ଇତର ପ୍ରାଣୀଙ୍କ ନିସ୍ୱାର୍ଥପର ସେବା ପ୍ରଦାନ ମାଧ୍ୟମରେ ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ଶକ୍ତିର ମଧ୍ୟ ବିକାଶ କରିବାରେ ସମର୍ଥ ହୋଇଥାଆନ୍ତି । ଫଳତଃ, ଔପଚାରିକ ଶିକ୍ଷା ସମାପ୍ତ ପରେ ମଧ୍ୟ ସେମାନଙ୍କ ଭିତରେ ଥିବା ସ୍ୱେଚ୍ଛାସେବୀ ଗୁଣ ଉଜ୍ଜୀବିତ ହୋଇ ରହିଥାଏ ଏବଂ ସେମାନେ ଜୀବନ ତମାମ୍ "ପରୋପକାରଃ ପୁଣ୍ୟାୟ"କୁ ମୂଳମନ୍ତ୍ର କରିଥାଆନ୍ତି । ଯଦି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଛାତ୍ରାବସ୍ଥାରୁ ହିଁ ଦେଶର ସମସ୍ତ ଅଧିବାସୀ ଅନ୍ୟର ସେବାକୁ ହିଁ ଧର୍ମ ରୂପେ ପାଳନ କରିବେ, ଜାତୀୟ ସଂହତି ଅବଶ୍ୟ ପ୍ରତିଷ୍ଠା ହେବ ଏବଂ ମାନବ ସମାଜ ଏକତାର ସୂତ୍ରରେ ବାନ୍ଧି ହୋଇ ଯଥାର୍ଥରେ ବୈଶ୍ୱିକ ଗ୍ରାମ ପ୍ରତିଷ୍ଠା ଆଡ଼କୁ ଅଗ୍ରସର ହେବ ।

# ପ୍ରକୃତିର ଅନୁପମ ଉପହାର

ପ୍ରାଚୀନ କାଳରୁ ହିଁ ଜଙ୍ଗଲ ବା ବନ ମଣିଷର ଜୀବନରେ ବିଶେଷ ଗୁରୁତ୍ୱ ରଖିଆସିଛି । ମାନବ ଜୀବନ ପାଇଁ ଏହା ପ୍ରକୃତିର ଅନୁପମ ଉପହାର । ଆମର ଜଙ୍ଗଲ କେବଳ ଗଛ-ବୃକ୍ଷରେ ସିମୀତ ନୁହେଁ, ବରଂ ଏହା ଅନେକ ଉପକାରୀ ଜୀବ ଜନ୍ତୁ ଏବଂ ଔଷଧମାନଙ୍କର ଭଣ୍ଡାର । ଜୀବନ ପାଇଁ ପୃଥିବୀରେ ଜଙ୍ଗଲର ଆବଶ୍ୟକତା ରହିଛି । ଆଉ ପ୍ରକୃତିର ସନ୍ତୁଳନକୁ ସମତୁଲ ରଖିବାରେ ଜଙ୍ଗଲ ପୂର୍ଣ୍ଣ ମାତ୍ରାରେ ସହାୟକ ହୋଇଥାଏ । ପ୍ରାଚୀନ କାଳରୁ ଆମର ପୂର୍ବପୁରୁଷ, ଋଷି-ମୁନି ଓ ସନ୍ଥମାନଙ୍କ ପାଇଁ ବନ ତପସ୍ୟାର ପ୍ରମୁଖ ସ୍ଥାନ ରହି ଆସିଛି । ଏହି ବନାଂଚଳରେ ମହାନ ଋଷି ମାନଙ୍କର ଆଶ୍ରମ ରହିଥିବା ବେଳେ ସନ୍ଥ ଓ ସେମାନଙ୍କର ଶିଷ୍ୟ ମଧ୍ୟ ରହୁଥିଲେ । ସମାଜରେ ସେମାନଙ୍କର ବିଶେଷ ସ୍ଥାନ ଥିଲା ଓ ସେମାନଙ୍କୁ ଲୋକମାନେ ପୂର୍ଣ୍ଣ ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସ କରୁଥିଲେ ।

ପୂର୍ବର ଚିକିତ୍ସକ ଏବଂ ବୈଦ୍ୟମାନଙ୍କ ପାଇଁ ବନ ମହାନ ଔଷଧର ଉତ୍ସ ଥିଲା । ରାମାୟଣ କାହାଣୀରେ ମେଘନାଦର ଅମୋଘ ଅସ୍ତ୍ର ପ୍ରହାରରେ ଲକ୍ଷ୍ମଣଙ୍କର ଜୀବନ ବଂଚାଇବା ପାଇଁ ସଂଜୀବନୀ ବନରେ ହିଁ ଉପଲବ୍ଧ ଥିଲା । ବୃନ୍ଦାବନର ଭଗବାନ ଶ୍ରୀକୃଷ୍ଣ ଏବଂ ରାଧିକାଙ୍କ ପବିତ୍ର ପ୍ରେମ ସହିତ ସିଧା ସଂପର୍କ ରହିଛି ବନର । ତାଙ୍କର ଏହି ସଂପର୍କ ଦେବୀ ଦେବତାଙ୍କ ପ୍ରକୃତି ପ୍ରେମକୁ ଦର୍ଶାଇଥାଏ । ଜଙ୍ଗଲରେ ଅନେକ ପ୍ରକାର ଗଛ ବୃକ୍ଷର ଭଣ୍ଡାର ରହିଛି, ଯାହା ମଣିଷ ପାଇଁ ଉପଯୋଗୀ । ଅଶ୍ୱତ୍‌ଥ ବୃକ୍ଷ ଆମ ପାଇଁ ଆଧ୍ୟାତ୍ମିକ ଆବଶ୍ୟକତା ସହ ଅତ୍ୟନ୍ତ ଗୁଣକାରୀ ମଧ୍ୟ ଅଟେ । କାରଣ ଏହି ବୃକ୍ଷ ଅନ୍ୟ ବୃକ୍ଷମାନଙ୍କ ତୁଳନାରେ ଆମକୁ ପ୍ରଚୁର ମାତ୍ରାରେ ଅମ୍ଳଜାନ ପ୍ରଦାନ କରିଥାଏ । ଏହା ଛଡ଼ା ଲିମ୍ବ, ବବୁଲ, ତୁଳସୀ, ଅଁଳା ଆଦି ବୃକ୍ଷ ଆମକୁ ଔଷଧୀୟ ଆକାରରେ ମିଳିଥାଏ ।

ବନ କେବଳ ମଣିଷଙ୍କ ପାଇଁ ନୁହେଁ, ବରଂ ସମସ୍ତ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଆବଶ୍ୟକ । ଏମାନଙ୍କ ଯୋଗୁ ପ୍ରକୃତି ନିଜର ସନ୍ତୁଳନ ବଜାୟ ରଖିବାରେ ସମର୍ଥ ହୋଇଥାଏ । ଲୋକମାନେ ମନ ଇଚ୍ଛା ଜଙ୍ଗଲ କାଟୁଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଜୀବଜନ୍ତୁ ଓ ଗଛ ବୃକ୍ଷ ଲୁପ୍ତ ହୋଇ ଗଲେଣି, ଯାହା ମଣିଷ ସମାଜ ପାଇଁ ବିପଦ ହେବାରେ ଲାଗିଛି । ଜଙ୍ଗଲର ରାଜା ସିଂହମାନଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ହ୍ରାସ ପାଇ ଚାଲିଛି । ଜଙ୍ଗଲୀ ହାତୀମାନଙ୍କ ସଂଖ୍ୟା ମଧ୍ୟ ଲଗାତାର କମି ଚାଲିଛି । ଏହି ଭୟାନକ ଅବସ୍ଥା ଅନ୍ୟ ଜୀବଜନ୍ତୁଙ୍କ କ୍ଷେତ୍ରରେ ମଧ୍ୟ ଦେଖାଗଲାଣି । ଋତୁଚକ୍ର ଓ ପ୍ରକୃତିରେ ସନ୍ତୁଳନ ବଜାୟ ରଖିବାରେ ଜଙ୍ଗଲ ହିଁ ସକ୍ଷମ ହୋଇଥାଏ । ଅଧିକ ବର୍ଷା ସମୟରେ ଜଙ୍ଗଲ ମାଟି କ୍ଷୟକୁ ଅଟକାଇଥାଏ ତଥା ତାହାର ଉର୍ବର ଶକ୍ତିକୁ ବଜାୟ ରଖିବାରେ ସହଯୋଗ ଦେଇଥାଏ । ଗଛ ବୃକ୍ଷ ନିଜ ଚେର

**ପ୍ରଫେସର ସରୋଜ ଦାସ**

ଦ୍ୱାରା ପୃଥିବୀର ଜଳକୁ ଶୋଷି ନିଏ, ଯାହା ପୁଣି ବାଷ୍ପ ହୋଇ ବାୟୁ ମଣ୍ଡଳରେ ବାଦଲ ରୂପ ଧାରଣ କରେ । ପରିଣାମ ସ୍ୱରୂପ ବର୍ଷା ହୋଇଥାଏ ଓ ଏହି ଚକ୍ର ନିରନ୍ତର ଚାଲିଥାଏ । ପ୍ରକୃତିର ଏହି ବ୍ୟବସ୍ଥା ମାନବ ସମାଜର ଉପକାର କରିଥାଏ । କିନ୍ତୁ ମଣିଷ ନିଜର ସ୍ୱାର୍ଥ ପାଇଁ ଜଙ୍ଗଲ କାଟିବାକୁ ପଛାଉ ନାହିଁ । ଏଣୁ ଧୀରେ ଧୀରେ ଜଙ୍ଗଲ ସଫା ହୋଇ ଚାଲିଛି । କେବଳ ଏତିକି ନୁହେଁ, ମାଟିକୁ ନଷ୍ଟ କରିବା ମଧ୍ୟ ବଢ଼ି ଚାଲିଛି । ଏହାଦ୍ୱାରା ଜଳାଶୟ ଗୁଡ଼ିକ ଦିନକୁ ଦିନ ଶୁଖି ଚାଲିଛି । ଲଗାତାର ପାଣିର ଅଭାବ ଯୋଗୁ ଜଳୀୟ ଜୀବମାନଙ୍କ ଅସ୍ତିତ୍ୱ ବିପଦ ଘେରକୁ ଆସି ଗଲାଣି । ଗଛ ବୃକ୍ଷ ପରିବେଶକୁ ବିଶୁଦ୍ଧ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଘର, ମୋଟର ଗାଡ଼ି ଓ କଳକାରଖାନାରୁ ବାହରୁଥିବା କାର୍ବନ-ଡ଼ାଇଅକ୍ସାଇଡ଼କୁ ଗଛ-ବୃକ୍ଷ ଶୋଷି ନିଅନ୍ତି, ଯଦ୍ୱାରା ପରିବେଶରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସହାୟତା ମିଳିଥାଏ । ଅର୍ଥାତ୍ ଗଛ-ବୃକ୍ଷ ପରିବେଶକୁ ନିଜ ନିୟନ୍ତ୍ରଣରେ ରଖିଥାଆନ୍ତି ।

ତେବେ ଗଛ-ବୃକ୍ଷ କେବଳ ମଣିଷ ପାଇଁ ନୁହେଁ, ବରଂ ସମସ୍ତ ଜୀବଜନ୍ତୁଙ୍କ ପାଇଁ ଅତି ଆବଶ୍ୟକ । ଏମାନଙ୍କ ଅଭାବରେ ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ଅସମ୍ଭବ । ଏଣୁ ଏମାନେ ଆମ ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ । ଏଣୁ ଆମେ ଜଙ୍ଗଲର ଗୁରୁତ୍ୱ ବୁଝିବା ଉଚିତ । ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟ ସମସ୍ତେ ମିଳିମିଶି କରିବାର ଆବଶ୍ୟକତା ରହିଛି । ବୃକ୍ଷ ରୋପଣ କାର୍ଯ୍ୟକୁ ଅଧିକରୁ ଅଧିକ ପ୍ରସାର କରିବା ଉଚିତ ତଥା ଯେଉଁ ଜଙ୍ଗଲ ଗୁଡ଼ିକ ଖାଲି ହୋଇ ଗଲାଣି, ସେଠାରେ ଗଛ କାଟିବା ଉପରେ ପ୍ରତିବନ୍ଧକ ଲଗାଯିବା ଉଚିତ । ତେବେ ଅଧିକରୁ ଅଧିକ ଗଛ ଲଗାଇବା ସରକାରଙ୍କ ପ୍ରମୁଖ ଦାୟିତ୍ୱ ହୋବ ଉଚିତ । ଯେଉଁମାନେ ବେଆଇନ ଭାବେ ଗଛ କାଟୁଛନ୍ତି ସେମାନଙ୍କ ବିରୁଦ୍ଧରେ କଡ଼ା ଦଣ୍ଡର ବ୍ୟବସ୍ଥା ହେବା ଉଚିତ । କେବଳ ସରକାର କାହିଁକି ସମସ୍ତ ସମାଜସେବୀ ସଂସ୍ଥା ଓ ବିଶେଷତଃ ନବଯୁବକମାନଙ୍କୁ ବୃକ୍ଷ ରୋପଣ ଦିଗରେ ସଚେତନତା କରାଯିବା ଉଚିତ । ବୃକ୍ଷ ରୋପଣର ଉପକାର ସଂପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର କରିବା ପାଇଁ ଛାତ୍ର ଜୀବନରୁ ହିଁ ସେମାନଙ୍କୁ ସଚେତନ କରାଯିବା ଉଚିତ । ଏ ଦିଗରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବାକୁ ବେଳେବେଳେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହେବା ଉଚିତ । ଅତଏବ ଜଙ୍ଗଲ କେବଳ ମଣିଷ ଜୀବନ ପାଇଁ ନୁହେଁ, ବରଂ ଭଗବାନଙ୍କ ସୃଷ୍ଟିର ସମସ୍ତ ଜୀବ-ଜନ୍ତୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ପ୍ରାକୃତିକ ସନ୍ତୁଳନ ଓ ପରିବେଶର ସୁରକ୍ଷା ପାଇଁ ନିହାତି ଆବଶ୍ୟକ । ପ୍ରକୃତିର ଜୀବମାନଙ୍କ ପାଇଁ ଜଙ୍ଗଲର ପ୍ରମୁଖ ଭୂମିକା ରହିଛି । ଏହି ଅମୂଲ୍ୟ ସଂପଦକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଉତର ଦାୟିତ୍ୱ ହେବା ଉଚିତ । ଲଗାତାର ଜଙ୍ଗଲ କାଟି ସଫା କରିବା ହିଁ ମଣିଷ ସମାଜ ପାଇଁ ଏକ ଗମ୍ଭୀର ବିପଦ ହୋଇଛି । ଏଣୁ ଆମ ପ୍ରକୃତି ଓ ନିଜ ଜୀବନରେ ସବୁଜିମା ବଜାୟ ରଖିବା ପାଇଁ ବୃକ୍ଷ ରୋପଣ ଉପରେ ବିଶେଷ ଧ୍ୟାନ ଦିଆଯିବା ଉଚିତ ।

# ପାରିବାରିକ ଜୀବନରେ ଝଡ଼ଝଞ୍ଜା

ଆଜିକାଲି ଆମ ସମାଜର ଅନେକ ପରିବାରରେ ଦାମ୍ପତ୍ୟ କଳହ ଅତି ଉଗ୍ର ରୂପ ଧାରଣ କରୁଥିବା ଦେଖିବାକୁ ମିଳିଛି । ଗାଁ ଠୁଁ ସହର, ଧନୀ ଓ ଗରିବ ଏବଂ ଶିକ୍ଷିତ ଓ ଅଶିକ୍ଷିତ ନିର୍ବିଶେଷରେ ଅଧିକାଂଶ ପତି-ପତ୍ନୀଙ୍କ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହୋଇ ଶେଷରେ ଏହା ସେମାନଙ୍କ ଦାମ୍ପତ୍ୟକୁ ଜାଳିପୋଡି ଛାରଖାର କରିଦେଉଛି । କେଉଁଠି ଯୌତୁକକୁ ନେଇ ବିବାଦ ତ କେଉଁଠି ପୁଣି ପାରସ୍ପରିକ ଚରିତ୍ରକୁ ନେଇ ସନ୍ଦେହ । ପୁଣି କେଉଁଠି ଉଭୟଙ୍କ କାର୍ଯ୍ୟକଳାପକୁ ନେଇ ମତାନ୍ତର ଓ ମନାନ୍ତର । ପତି-ପତ୍ନୀଙ୍କ ମନ ମିଶୁନି । କେହି କାହାରିକୁ ବୁଝିବା କିମ୍ବା ଗ୍ରହଣ କରିବାକୁ ନାରାଜ । ଏପରିସ୍ଥିତିରେ ଦାମ୍ପତ୍ୟ ଜୀବନ ବିଫଳ ହେଉଛି । କେତେକ କ୍ଷେତ୍ରରେ ପତି-ପତ୍ନୀଙ୍କ ଦାମ୍ପତ୍ୟ ଜୀବନକୁ ଯୋଡିବାକୁ ଉଭୟ ପରିବାରଙ୍କ ସହମତି କ୍ରମେ ତଥା ଥାନା ଓ କୋର୍ଟ କଚେରୀ ମାଧ୍ୟମରେ ମଧ୍ୟ ଉଦ୍ୟମ କରାଯାଉଛି । ଏଥିରୁ ହାତଗଣତି ସଫଳ ହେଉଛି । ଅବଶିଷ୍ଟ ବିଫଳ । ବିଶେଷକରି କର୍ମଜୀବୀ କିମ୍ବା ଯେକୌଣସି ଉପାୟରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇ ପାରିଥିବା ମହିଳାମାନେ ସେମାନଙ୍କ ସ୍ୱାମୀ କିମ୍ବା ଶଶୁର ଘର ଲୋକଙ୍କ କର୍ତ୍ତୃତ୍ୱରେ ରହିବାକୁ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଯଦି କେବେ ସାମାନ୍ୟ ବାଦବିବାଦ ବା ଝଡ଼ଝଞ୍ଜା ଦେଖା ଦେଲା ତେବେ ସେମାନେ ଏହାକୁ ଗୁରୁତର ଭାବେ ଗ୍ରହଣ କରି ବଡ ନିଷ୍ପତି ନେବାକୁ ପଛାଉ ନାହାନ୍ତି । ସବୁ ପରିବାରରେ ସମସ୍ୟା ଅଛି । ସମସ୍ତଙ୍କ ଦାମ୍ପତ୍ୟ ଜୀବନରେ ମାନ ମନାନ୍ତର ରହିଛି । ତେବେ ଏହାର କାରଣ ଓ ନିରାକରଣକୁ ନ ଖୋଜି ଅଲଗା ରହିବାର ଗୋଟେ ବଡ ନିଷ୍ପତି ନେଇଯିବା କ'ଣ ବୁଦ୍ଧିମାନର କାର୍ଯ୍ୟ ହେବ କି ? ଆଜି ଅନେକ ପରିବାରରେ ପତି ଦ୍ୱାରା ପତ୍ନୀ ନିର୍ଯାତିତା ହେଉଥିବା କଥା ଶୁଣିବାକୁ ମିଳିଥାଏ । ଏହା ଏକ ଚିରାଚରିତ ଓ ସାଧାରଣ ଅଭିଯୋଗରେ ପରିଣତ ହୋଇଛି । ତେବେ ଅନେକ ପତି ସେମାନଙ୍କ ପତ୍ନୀ ଦ୍ୱାରା ଯେ, ନାନା ଭାବେ ନିର୍ଯାତିତ ଓ ଅତ୍ୟାଚାରିତ ଆଉ ଏହାକୁ ସେମାନେ ଅଜାଗା ଘା' ଦେଖି ହୁଏନି କି ଦେଖାଇ ହୁଏନି ନ୍ୟାୟରେ ଗୋପନ ରଖୁଥିବା କାରଣରୁ ଏହା ଉପରେ ଆମ ସମାଜ ବିଶେଷ ଗୁରୁତ୍ୱ ଦିଏ ନାହିଁ । ଅଧିକ ଯୌତୁକ ପାଇଁ ହେଉ କି ସ୍ତ୍ରୀର ପରିକିୟାପ୍ରୀତି ଅଭିଯୋଗ ପାଇଁ ହେଉ ବିବାହିତ ମହିଳାଙ୍କୁ ନିର୍ଯାତନା ଦେବା, ଘରୁ ବାହାର କରିଦେବା, ଛାଡପତ୍ର ଦେବା ଓ ହତ୍ୟା କରିବା କିମ୍ବା ମୃତ୍ୟୁ ଲାଗି ବାଧ କରିବା ଭଳି ଅପରାଧିକ କାର୍ଯ୍ୟ ଘଟୁଥିବା ବେଳେ ବେରୋଜଗାର, ନିଶା ସେବନ ଓ ଏକାଧିକ ନାରୀଙ୍କ ସହ ଅନୈତିକ ସଂପର୍କ ଆଦି ଅଭିଯୋଗ ଆଧାରରେ ସ୍ୱାମୀଙ୍କୁ ଛାଡି ଦେଉଛି ସ୍ତ୍ରୀ । ଏହା ଦୈନିକ ବିଭିନ୍ନ ଗଣମାଧମରେ ପ୍ରସାରିତ ହେଉଥିବା ଦେଖିବାକୁ ମିଳୁଛି । ଖୁବ ବଡ ବଡ ଓ ପ୍ରତିଷ୍ଠିତ ଦମ୍ପତିଙ୍କ ମ୍ଭରେ ଏଭଳି ଘଟଣା ଘଟୁଥିବା ବେଳେ ସାଧାରଣରେ ଖୁବ୍ ଗୋଟେ ଚର୍ଚ୍ଚା ବି ହେଉଛି । ରାଜନୈତିକ ବ୍ୟକ୍ତିବିଶେଷ, କଳାକାର ଓ ବିଭିନ୍ନ ପ୍ରଶାସନିକ ବିଭାଗର

**ଉମାଶଙ୍କର ରାଓ**

ପଦାଧିକାରୀଙ୍କ କ୍ଷେତ୍ରରେ ଦାମ୍ପତ୍ୟ କଳହ ଅଧିକ ମାତ୍ରାରେ ଦୃଷ୍ଟିଗୋଚର ହେଉଛି । ଯେଉଁମାନେ ବିଭିନ୍ନ କାରଣରୁ ସମାଜରେ ମାନ ଓ ପ୍ରତିଷ୍ଠା ଅର୍ଜନ କରିଛନ୍ତି ଓ ଯେଉଁମାନେ ସମାଜକୁ ଦିଗଦର୍ଶନ ଦେବା କଥା ସେମାନଙ୍କ କ୍ଷେତ୍ରରେ ଯଦି ଏଭଳି ଘଟଣା ଘଟେ ତେବେ ସମାଜକୁ ସୁଧାରିବ କିଏ ? ଏହା ଏକ ସ୍ୱାଭାବିକ ପ୍ରଶ୍ନ ନୁହେଁ କି ?

ଦାମ୍ପତ୍ୟ ଜୀବନ ପାରସ୍ପରିକ ସୁସଂପର୍କ ଓ ଉତମ ବୁଝାମଣାକୁ ଆଧାର କରି ଦୀର୍ଘସ୍ଥାୟୀ ତଥା ସୁଖମୟ ହୋଇଥାଏ । ପତି ଓ ପତ୍ନୀଙ୍କ ମ୍ଭରେ ବିଶ୍ୱାସ, ଭରସା ଓ ନିର୍ଭେଜାଲ ଭଲପାଇବା ଉପରେ ଏକ ସୁଖୀ ଦାମ୍ପତ୍ୟ ଜୀବନର ଭିତିଭୂମି ଗଢି ଉଠିଥାଏ । ଶାସ୍ତ୍ର ମତାନୁସାରେ ଯେତେଦିନ ଯାଏଁ ପତି-ପତ୍ନୀଙ୍କ ମ୍ଭରେ ସମସ୍ତ ଗୋପନୀୟ ବିଷୟ ଗୋପନ ହୋଇ ରହିଥାଏ ସେତେଦିନ ଯାଏଁ ଦାମ୍ପତ୍ୟ ଜୀବନ ହସଖୁସିର ଚିରାଚରିତ ଧାରାରେ ଆଗେଇ ଚାଲିଥାଏ । ମାତ୍ର ଥରଟେ ଯଦି ଦାମ୍ପତ୍ୟ ଜୀବନାକାଶରେ ସନ୍ଦେହର କଳାବଦଲ ଘୋଟି ଆସେ ଓ ଦାମ୍ପତ୍ୟ ଜୀବନର ଗୋପନୀୟତା ଚାରିକାନ୍ଥ ଅତିକ୍ରମ କରି ପଦାକୁ ଚାଲିଆସେ ତେବେ ସେ ସଂପର୍କରେ ଭଙ୍ଗା ପଡିଯାଏ । ଆଜିକାଲି ଆମ ସମାଜରେ ଅଧିକାଂଶ ବିବାହ ପିତାମାତା ତଥା ପରିବାର ସଦସ୍ୟଙ୍କ ପସନ୍ଦରେ ନହୋଇ ପୁଅ ଝିଅଙ୍କ ରୁଚି ଓ ପସନ୍ଦ ଅନୁସାରେ ହେଉଥିବା ବେଳେ ବୈବାହିକ ଜୀବନର କିଛି ମାସ କିମ୍ବା ବର୍ଷ ପରେ ଏଥିରେ ତିକ୍ତତା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ଅର୍ଥାତ ଦାମ୍ପତ୍ୟ ଜୀବନ ଅସ'ଳ ହେଉଛି । ବିଭିନ୍ନ କାରଣରୁ ପତି-ପତ୍ନୀଙ୍କ ମଧୁର ସଂପର୍କରେ ଫାଟ ସୃଷ୍ଟି ହେବା ସହିତ ଘରୋଇ ହିଂସାର ରୂପଧାରଣ କରୁଛି । ବିଶେଷକରି ସମାଜରେ ଖୁବ୍ ଉଚ୍ଚଶିକ୍ଷିତ, ଧନଶାଳୀ, ପ୍ରତିଷ୍ଠା ଓ ପ୍ରତିପତି ଥିବା ପରିବାରର ବିବାହିତ ପୁଅଝିଅଙ୍କ କ୍ଷେତ୍ରରେ ଏହା ବେଶିମାତ୍ରାରେ ଦୃଷ୍ଟିଗୋଚର ହେଉଛି । ଉଚ୍ଚଶିକ୍ଷିତ ଓ ରୋଜଗାରକ୍ଷମ ପୁଅଝିଅମାନେ ଭୁଲଠିକ୍‌ର ତର୍ଜମା ନକରି ତଥା ପିତାମାତାଙ୍କ ଆଶା ବିଶ୍ୱାସକୁ ଜଳାଞ୍ଜଳି ଦେଇ କେବଳ ସାମୟିକ ଭାବପ୍ରବଣତାରେ ବଶବର୍ତୀ ହୋଇ ଆପଣାର ଜୀବନସାଥୀ ଚୟନ କରୁଛନ୍ତି । ବିଚରା ପିତାମାତା ପାରିବାରିକ ସମ୍ମାନ ଓ ପୁଅଝିଅଙ୍କ ସୁଖମୟ ଭବିଷ୍ୟତକୁ ଆଖିଆଗରେ ରଖି ବ୍ମହୋଇ ଏଥିରେ ସମ୍ମତି ପ୍ରଦାନ କରୁଛନ୍ତି । ମାତ୍ର ସ'ଳ ଦାମ୍ପତ୍ୟ ଜୀବନର ରହସ୍ୟକୁ ଭେଦ କରିବାକୁ ସକ୍ଷମ ନଥିବା ତଥା ପତି-ପତ୍ନୀର ପବିତ୍ର ସଂପର୍କର ପରିଭାଷା ବୁଝି ନଥିବା ପୁଅଝିଅ ମାନେ ଦାମ୍ପତ୍ୟ ଜୀବନକୁ ଏକ ସାମୟିକ ଖୁସି ଓ ଉପଭୋଗର ସମୟ ବୋଲି ବିଚାର କରୁଛନ୍ତି । 'ଳରେ ଦାମ୍ପତ୍ୟ ଜୀବନର ହସଖୁସି ଧୀରେ ଧୀରେ ିକା ପଡିବା ସହିତ ଶେଷରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡୁଛି । ଆଜିର ସମୟରେ ଦାମ୍ପତ୍ୟ କଳହ ଏକ ବଡ ପ୍ରସଙ୍ଗ ଭାବରେ ବିବେଚିତ ହେଉଛି । ଏକ ସୁଖୀ ତଥା ସଫଳ ଦାମ୍ପତ୍ୟ ଜୀବନ କେବଳ ଗୋଟିଏ ପରିବାରକୁ ସୁଖ ଶାନ୍ତି ପ୍ରଦାନ କରି ନଥାଏ ବରଂ ସମାଜକୁ ମାର୍ଜିତ ଓ ଶୃଙ୍ଖଳିତ କରି ଗଢି ତୋଳିଥାଏ । ତେଣୁ ଦାମ୍ପତ୍ୟ ଜୀବନରେ ଆସୁଥିବା ଝଡଝଞ୍ଜାକୁ ଉତମ ବୁଝାମଣା ଭିତିରେ ସମାଧାନ କରିବାକୁ ସବୁମତେ ଉଦ୍ୟମ କରାଯିବା ଉଚିତ୍ ।

# ମାଟିର ସୁରକ୍ଷା

ମା ସହିତ ମାଟିକୁ ତୁଳନା କଲେ କୌଣସି ଅତ୍ୟୁକ୍ତି ହେବନାହିଁ । ମା' ତାହାର ସନ୍ତାନକୁ ସ୍ତନ୍ୟପାନ କରାଇ ଛୋଟରୁ ବଡ଼ କରାଏ । ମାଟି ଆମକୁ ଖାଦ୍ୟ ପିନ୍ଧିବାକୁ ବସ୍ତ୍ର, ରହିବା ପାଇଁ ବାସ, ରୋଷେଇ ପାଇଁ ଜାଳେଣି, ରୋଗ ପାଇଁ ଔଷଧ ଏବଂ ଉପଭୋଗ ପାଇଁ ସୌନ୍ଦର୍ଯ୍ୟ ଯୋଗାଇଥାଏ । ମାଟିରେ ଆମର ପାନୀୟ ଜଳ ସଂରକ୍ଷିତ ହୋଇ ରହିଥାଏ । ମାଟିରେ ଜନ୍ମ ନେଇ ଶେଷରେ ଆମେ ମାଟିରେ ମିଶିଯାଉ । ତେଣୁ ମୁଠାଏ ମାଟି ସହିତ ଆମର ଜୀବନ ଯେ ଜଡ଼ିତ ଏଥିରୁ ପ୍ରମାଣ ମିଳେ । ସୃଷ୍ଟିର ଏହା ଏକ ବିଚିତ୍ର ନିୟମ । ମାଟି ଯେ କେବଳ ମାନବ ସମାଜ ସହିତ ସଂଶ୍ଳିଷ୍ଟ ଏହା ଠିକ୍ ନୁହେଁ, ମାଟି ଉପରେ ଏବଂ ମାଟି ଭିତରେ ଅସଂଖ୍ୟ ବୃହତ୍ ଏବଂ କ୍ଷୁଦ୍ର ଜୀବଜନ୍ତୁ ରହନ୍ତି । ବହୁ ପଶୁପକ୍ଷୀ ଏ ମାଟିରେ ବସବାସ କରନ୍ତି । ମାଟି ଉପର ଅପେକ୍ଷା ମାଟି ଭିତରେ ମଧ୍ୟ ବହୁ ଅଣୁ ଜୀବାଣୁ ବାସ କରନ୍ତି । ପରୀକ୍ଷାରୁ ଜଣାପଡ଼ିଛି ଯେ ଏକ ଟେବଲ ଚାମଚରେ ରହିପାରୁ ଥିବା ମାଟିରେ ପୃଥିବରେ ଲୋକସଂଖ୍ୟା ସହ ସମାନ ଅଣୁଜୀବାଣୁ ରହିଥାନ୍ତି । ସେମାନଙ୍କ ମଧ୍ୟରୁ କେତେକ ଉପକାରୀ ଏବଂ କିଛି ଅପକାରୀ ଜୀବାଣୁ ମଧ୍ୟ ଅଛନ୍ତି । ଏମାନେ ସମସ୍ତେ ନିଜ ନିଜର ଜୀବନ ବଂଚାଇବା ପାଇଁ ମାଟି ଉପରେ ଏବଂ ଭିତରେ ସଂଗ୍ରାମ କରନ୍ତି । କିନ୍ତୁ ମାଟି ପ୍ରତ୍ୟେକଙ୍କର ମା' ସଦୃଶ । ମାଟି ସହିତ ଆମର ଅନେକ ଧର୍ମଭାବ ଜଡ଼ିତ । ପର୍ବପର୍ବାଣୀରେ ମାଟିରେ ବିଭିନ୍ନ ଦେବଦେବୀଙ୍କର ମୂର୍ତ୍ତି ଗଢ଼ାଯାଏ । ଧୂପ, ଦୀପ ଓ ଫୁଲଚନ୍ଦନ ଅର୍ପଣ କରି ତାଙ୍କ ପାଖରେ ନିଜକୁ ସମର୍ପଣ କରିଥାଉ । ଶେଷର ମୃଣ୍ମୟ ମୂର୍ତ୍ତିଙ୍କୁ ପାଣିରେ ବିସର୍ଜନ କରି ମାଟିରେ ମିଶାଉ । ଏହା ଏକ ଧାର୍ମିକ ଚେତନା ଏବଂ ପରମ୍ପରା । ସନ୍ତାନ ମା'ଠାରୁ ଆଶୀର୍ବାଦ ପାଇବା ପାଇଁ ମା'ର ସେବା କରେ । ସେହିପରି ମାଟିର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପାଇଁ ଆମେ ସଚେତନ ହେବା ଉଚିତ । ଏକ ସର୍ବେକ୍ଷଣରୁ ଜଣାଯାଏ ଯେ, କେବଳ ବର୍ଷାଜଳରେ ବର୍ଷକୁ ପ୍ରାୟ ୫ଟନ୍ ମାଟି ଧୋଇ ନଷ୍ଟ ହୁଏ । ଏହାଦ୍ୱାରା ମାଟି ଅନୁର୍ବର ହୁଏ । ଏହା କେବଳ ଆମର ଅସାବଧାନତା ଯୋଗୁଁ ହିଁ ହୁଏ । ମାଟିକୁ ଅଧିକ ଥର କର୍ଷଣ କରିବା ଏବଂ ଗଭୀର ଚାଷ କରିବା ଦ୍ୱାରା ମାଟି ଧୋଇହୋଇ ନଷ୍ଟ ହୁଏ । ଫସଲ ଚାଷ ଏବଂ ଗଛ ଲଗାଇବା ଦ୍ୱାରା ମାଟି ଗଛର ଚେର ଦ୍ୱାରା ଜାବୁଡ଼ି ହୋଇ ରହେ । ଗଛ କାଟିବା ଏବଂ ଜଙ୍ଗଲ ପୋଡ଼ିବା ଦ୍ୱାରା ମାଟି ଧୋଇ ହୋଇ ନଷ୍ଟ ହୁଏ । ମାଟି ମା'ର ସୁରକ୍ଷା ପାଇଁ ଆମେ ସର୍ବଦା ସଚେତନ ରହିବା ଉଚିତ ।

# ଡ୍ରାଇଭର ଆଖି ବନ୍ଦ କଲେ ବାଜିବ ସାଇରନ

ଦେଶରେ ପ୍ରତ୍ୟେକ ବର୍ଷ ପାଖାପାଖି ସାଢ଼େ ଚାରିଲକ୍ଷ ଗାଡି ଦୁର୍ଘଟଣାର ଶିକାର ହୋଇଥାଏ। ପ୍ରତିବର୍ଷ ଦେଢ଼ ଲକ୍ଷ ଲୋକ ଦୁର୍ଘଟଣା କାରଣରୁ ପ୍ରାଣ ହରାଇଥାନ୍ତି। ଗାଡି ଚଳାଇବା ବେଳେ ଡ୍ରାଇଭରକୁ ନିଦ ଲାଗିବା କିମ୍ବା ମଦ୍ୟପାନ କରି ଗାଡି ଚଳାଇବା ଦୁର୍ଘଟଣାର କାରଣ। ଏଣୁ ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ଏକ ଏଭଳି ଯନ୍ତ୍ର ଯାହା ଏଭଳି ଦୁର୍ଘଟଣା ହେବାରୁ ରକ୍ଷା କରିପାରିବ। ଗାଡି ଚଳାଇବା ବେଳେ କୌଣସି କାରଣରୁ ଡ୍ରାଇଭର ଆଖି ବନ୍ଦ କରିଦେଲେ ଗାଡି



ଆପେ ଧିମା ହୋଇଯିବ ଏବଂ ସାଇରନ୍ ବାଜିବ। ଦେଶର ୧୫ ଜଣ ଇଂଜିନିୟର ଟିମ୍ ଏହି ଯନ୍ତ୍ର ଉଦ୍ଭାବନ କରିଛନ୍ତି। ବେଙ୍ଗାଲୁରର ପ୍ରଫେସର ଏ ନରସିଂହ୍ମା ଭେଙ୍କଟେସ ଏହି ଟିମ୍‌ର ନେତୃତ୍ୱ ନେଇଛନ୍ତି। ଏହି ଯନ୍ତ୍ରଟିର ନାମ ଡିଟେକ୍ସନ୍ ସିଷ୍ଟମ ରଖାଯାଇଛି। ଡିଟେକ୍ସନ୍ ସିଷ୍ଟମ ମୁହଁ ଏବଂ ଆଖିର ଭାବକୁ ପଢ଼ିପାରିବ। ଡ୍ରାଇଭର ଗାଡି ଚଳାଇବା ଭଳି ଅବସ୍ଥାରେ ଅଛି କି ନାହିଁ ଏହା ଏହି ଯନ୍ତ୍ର ଯୋଗେ ଜଣାପଡିବ। ଏଥି ନିମନ୍ତେ ଯନ୍ତ୍ରରେ ଅତ୍ୟାଧୁନିକ ସେନ୍ସର ଲଗାଯାଇଛି। ସେନ୍ସର ଆଖିର ଗତିବିଧି ଉପରେ ନଜର ରଖିବ। ଏହି ଯନ୍ତ୍ରକୁ ଗାଡି ଖଞ୍ଜା ଯାଇପାରିବ। ଗାଡି ଚଳେଇବା ସମୟରେ ଡ୍ରାଇଭରର ଆଖି ବୁଜି ହୋଇଗଲେ ଗାଡିଟି ଆପେ ଧିମା ହୋଇଯିବ ଏବଂ ସାଇରନ ବାଜିବ। ଫଳରେ ଡ୍ରାଇଭର ସଜାଗ ହୋଇ ଦୁର୍ଘଟଣାରୁ ରକ୍ଷା ପାଇପାରିବ। ଯନ୍ତ୍ରଟି ଉଦ୍ଭାବନ କରିଥିବା ଟିମ୍‌ରେ ଉତ୍ତରାଖଣ୍ଡ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ ଏବଂ ଓଡ଼ିଶାର ପ୍ରଫେସର ମଧ୍ୟ ସାମିଲ ଥିଲେ। ଏହି ପ୍ରଫେସରମାନେ ଇଣ୍ଟରନେଟ୍ ମିଡିଆ ନାମକ ଏକ ସାଇଟ୍‌ରେ ପରସ୍ପରକୁ ସାକ୍ଷାତ୍ କରିଥିଲେ।


# ୪୦ କୋଟିର ଡ୍ରେସ୍ ପିନ୍ଧି ର୍ୟାମ୍ପରେ ଚାଲିଲେ ଉର୍ବଶୀ

ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲା ସର୍ବଦା ନିଜ ଗ୍ଲାମରସ ଲୁକ୍ ଆଉ ଅନ୍ଦାଜରେ ସମସ୍ତଙ୍କୁ କରନ୍ତି ଦିୱାନା। ତାଙ୍କ ଲୁକ୍ ଦେଖି ପ୍ରଶଂସକଙ୍କ ହୋସ୍ ଉଡିଯାଏ। ସେ ଫ୍ୟାଶନ୍ ୱାର୍ଲ୍ଡରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଫିଲ୍ମରେ ଏତେଟା ସଫଳ ହୋଇନଥିବା ଉର୍ବଶୀ ଫ୍ୟାଶନ୍ ୱାର୍ଲ୍ଡରେ କିନ୍ତୁ ବେଶ୍ ସଫଳତା ହାସଲ କରିଛନ୍ତି। ତାଙ୍କୁ ପ୍ରାୟତଃ ଭିନ୍ନ ଭିନ୍ନ ଫ୍ୟାଶନ୍ ଶୋ'ରେ କେତେବେଳେ ଜଜ୍ ରୂପେ ନଜର ଆସନ୍ତି ତ ଆଉ କେତେବେଳେ ଶୋ' ଟପ୍ପର ରୂପେ। ନିକଟରେ ଏଭଳି ହିଁ ଏକ ଅରବ ଫ୍ୟାଶନ୍ ୱିକ୍‌ରେ ତାଙ୍କୁ ଦେଖିବାକୁ ମିଳିଛି। ଏଠାରେ ତାଙ୍କୁ ଲକ୍ ଦେଖି ସମସ୍ତ ହୋସ୍ ଉଡିଯାଇଛି। ଅରବ ଫ୍ୟାଶନ ଶୋ'ରେ ରାମ୍ପ ୱାକ୍ କରିଛନ୍ତି ଉର୍ବଶୀ। ପ୍ରଥମ ଭାରତୀୟ ମହିଳା ରୂପେ ଉର୍ବଶୀ ଏହି ଶୋ'ରେ ଦୁଇ ଥର ସାମିଲ ହୋଇ ସାରିଲେଣି। ତେବେ ଏହି ଫ୍ୟାଶନ ଶୋ'ରେ ସବୁଠାରୁ ମୁଖ୍ୟ ଥିଲା ଉର୍ବଶୀଙ୍କୁ ଡ୍ରେସ୍ ଓ ତାଙ୍କ ଲୁକ୍। ୪୦ କୋଟି ଟଙ୍କାର ଡ୍ରେସ୍ ପିନ୍ଧି ରାମ୍ପ ୱାକ୍ କରିଥିଲେ ଉର୍ବଶୀ। ଉର୍ବଶୀ ପିନ୍ଧିଥିବା ଏହି ୪୦ କୋଟିର ରୟାଲ ଆଉଟ୍‌ଫିଟ୍‌ରୁ ସୁନା ଓ ହୀରା ତିଆରି। ଡ୍ରେସ୍‌ରେ



ସୁନାର ଚେନ୍ ଝୁଲି ରହିଥିବା ବେଳେ ହୀରା ଖଚିତ ହୋଇଛି। ତେବେ ସବୁଠାରୁ ଆକର୍ଷଣୀୟ ଥିଲା ଉର୍ବଶୀ ନିଜ ମୁଣ୍ଡ ପିନ୍ଧିଥିବା ମୁକୁଟ। ଏହା ମଧ୍ୟ ପୁରା ସୁନାରେ ତିଆରି। ଏହି ହାଇ ସ୍ଲିଟ୍ ଗୋଲ୍ଡେନ୍ ଗାଉନ୍‌କୁ ଫର୍ଣ୍ଣେ ୱନ୍ ଅମାଟୋ ଡିଜାଇନ୍ କରିଥିଲେ। ଏହାପୂର୍ବରୁ ଓମେଟା ପ୍ରସିଦ୍ଧ ହଲିଉଡ ପପ୍ ଗାୟିକା ବିୟୋନ୍ସ, ଜେନିଫର ଲୋପେଜ୍‌ଙ୍କ ପାଇଁ ମଧ୍ୟ ଡ୍ରେସ୍ ଡିଜାଇନ୍ କରିସାରିଛନ୍ତି।

## ଆମ ମାତୃଭାଷା ଆମ ପରିଚୟ



ମାଆ ମୁଖ ଭାଷା ଆମ ମାତୃଭାଷା
ସେତ ସବୁଠୁ ସୁନ୍ଦର
ନିଜର ଭାଷାକୁ ସନମାନ ଦେଲେ
ଜଗତେ ହେବ ମଧୁର ୧
ଓଡିଶା ପ୍ରଦେଶେ ଜନମ ଆମର
ଓଡ଼ିଆର ପରିଚୟ
ଓଡ଼ିଆ କହିବା ଓଡ଼ିଆ ଲେଖିବା
ଓଡ଼ିଆ ପଠନ ପ୍ରୀୟ ୨
ଆମ ମାତୃଭାଷା ସର୍ବ ଗୁଣେ ଶ୍ରେଷ୍ଠ
ସେତ କେବେ ନୁହେଁ ନ୍ୟୁନ
ମାତର ଆଦର ମାତୃଭାଷା ଦେଲେ
ଜଗତେ ହେବ ମହାନ ୩
ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା
ଆମ ପରିଚୟ ହେବ
ସର୍ବେ ମିଶି ଆମେ ସଂକଳ୍ପ କରିଲେ
ଭାଷା ବିକଶିତ ହେବ ୪
ସବୁ ଭାଷା ଆମେ ଅଧ୍ୟୟନ କରି
ଓଡ଼ିଆକୁ ନ ଭୁଲିବା
ମାତୃଭାଷା ଆମ ପରିଚୟ ଦିଏ
ଶୁଦ୍ଧ ଓଡ଼ିଆ କହିବା ୫
ମନର ଭାବକୁ ପ୍ରକାଶ କରିବା
ମାତୃଭାଷା ମାଧ୍ୟମରେ
ନିଜ ସନ୍ତାନକୁ ପାଠ ପଢ଼ାଇବା
ଓଡ଼ିଆ ବିଦ୍ୟାଳୟରେ ୬
ଆମେତ ଓଡ଼ିଆ ଭାଷା ତ ବଢିଆ
ଏହି ଆମ ପରିଚୟ
ଓଡ଼ିଆ ଭାଷାର ମାନ ବଢାଇବା
ସେ ହୋଇବ ଲୋକ ପ୍ରୀୟ ୭
ମାତୃଭାଷା ଆମ ସରକାରୀ ଭାଷା
ଶାସ୍ତ୍ରୀୟ ମାନ୍ୟ ପାଇଛି
ମଧୁ ଓ ଫକୀର ରାଧାନାଥ ରାୟ
ତାକୁ ସମ୍ମାନ ଦେଇଛି ୮
କାବ୍ୟ କବିତା ସୃଜନ କରିବା
ଭାଷାର ବିକାଶ ପାଇଁ
ବାଣୀ ଭଣ୍ଡାରକୁ ସମୃଦ୍ଧ କରିବା
ନୂତନତା ଭରି ଦେଇ ୯

ଆକାଂକ୍ଷା ଦାଶ, ବଲାଙ୍ଗୀର

# ଭାଲୁ ଖାଉଛି ଆଇସକ୍ରିମ୍

ଛତିଶଗଡର କାକେର ସହରରେ ଗତ କିଛିଦିନ ହେବ ଜଙ୍ଗଲୀ ଭାଲୁଙ୍କର ଅଜବ ଗତିବିଧି ଦେଖିବାକୁ ମିଳିଛି। ରାତି ସମୟରେ ଜଙ୍ଗଲୀ ଭାଲୁ ସହର ମଧ୍ୟ ଆସି ଆଇସକ୍ରିମ୍ ଠେଲା ମଧ୍ୟରୁ ଆଇସକ୍ରିମ୍ ଖାଇ ଦେଉଥିବା ଜଣାପଡିଛି। ଅଙ୍କିତ କୁମାବତ ନାମକ ଜଣେ ଆଇସକ୍ରିମ୍ ବ୍ୟବସାୟୀଙ୍କ ମୁତାବକ, ସହରର ୨ଟି ଜାଗାରେ ସେ ଏବଂ ତାଙ୍କ ଭାଇ ଠେଲା ଗାଡିରେ ଆଇସକ୍ରିମ୍ ବିକ୍ରି କରନ୍ତି। କିନ୍ତୁ ଲଗାତର ୩ରୁ ୪ ମାସ ହେବ ୪-୫ଟି ଭାଲୁ ରାତି ସମୟରେ ଆସି ତାଙ୍କର ଆଇସକ୍ରିମ୍ ଖାଇ ଦେଉଛନ୍ତି। ଏହିଭଳି ମାସ ମଧ୍ୟରେ ଭାଲୁ ତାଙ୍କର ୫୦ରୁ ୬୦ ହଜାର ଟଙ୍କାର ଆଇସକ୍ରିମ୍ ଖାଇ ସାରିଥିବା ସେ ଅଭିଯୋଗ କରିଛନ୍ତି। ଭାଲୁକୁ ଘଉଡାଇବାକୁ ସେ ବିଭିନ୍ନ ପ୍ରୟାସ କରିବା ପରେ ମଧ୍ୟ ଏଥିରେ ବିଫଳ ହୋଇଛନ୍ତି। ଆଇସକ୍ରିମ୍ ଠେଲା ଚାରିପାଖେ ଆଲୁମିନିୟମ୍ ବାଡ ଦେଇଥିଲେ ମଧ୍ୟ ଭାଲୁ ଏହାକୁ ଭାଙ୍ଗି ଠେଲା ମଧ୍ୟରୁ ଆଇସକ୍ରିମ୍ ଖାଇ ଦେଉଥିବା ସେ କହିଛନ୍ତି। ତାଙ୍କ ଆଖପାଖରେ ରହୁଥିବା ତାଙ୍କର ସାଥୀ ଆଇସକ୍ରିମ୍ ବ୍ୟବସାୟୀ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଏ ନେଇ ମିଳିତ ଭାବେ ସେମାନେ ବନ ବିଭାଗ ନିକଟରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।




# ପାଠରେ ନ ଥିଲା ମନ ବର୍ତ୍ତମାନ ବ୍ରୋକରେଜ କମ୍ପାନୀର ମାଲିକ



ଦେଶର ଖ୍ୟାତନାମା ଯୁବ ବ୍ୟବସାୟୀ ତଥା ଦେଶର କୋଟିପତି ତାଲିକାରେ ସ୍ଥାନ ସୃଷ୍ଟି କରିପାରିଥିବା ନିଖିଳ କାମତ ନିଜର ସ୍କୁଲ ଶିକ୍ଷା ପୂରଣ କରି ପାରିନଥିଲେ ବୋଲି ନିକଟରେ ଏକ ସାକ୍ଷାତକାରରେ କହିଥିଲେ। ନିଖିଳ ଦେଶର ସର୍ବବୃହତ୍ ବ୍ରୋକରେଜ କମ୍ପାନୀ ଜେରୋଧାର ପ୍ରତିଷ୍ଠାତା। ୨୦୧୦ରେ ଏହି କମ୍ପାନୀ ଆରମ୍ଭ କରିଥିଲେ, ଯାହା ଏବେ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ନାଁ କରିପାରିଛି। ସାକ୍ଷାତ୍‌କାରରେ ନିଖିଳ କହିଛନ୍ତି, ସ୍କୁଲରେ ଉପସ୍ଥାନ କମ୍ ହେବା କାରଣରୁ ସେ ଦଶମ ବୋର୍ଡ ପରୀକ୍ଷା ଦେଇ ପାରିନଥିଲେ। ସ୍କୁଲର ପାଠପଢ଼ାରେ ତାଙ୍କର ମନ ଲାଗୁନଥିଲା କାରଣରୁ ସେ ଅଧିକାଂଶ ସମୟ ସ୍କୁଲରେ ଅନୁପସ୍ଥିତ ରହିଥାନ୍ତି। ଏହି ସମୟରେ ସେ ପୁରୁଣା ଫୋନ୍ ବିକ୍ରି କରି ଟଙ୍କା ରୋଜଗାର କରୁଥିବା ମଧ୍ୟ ପ୍ରକାଶ କରିଛନ୍ତି। ଏହା ତାଙ୍କ ଜୀବନର ପ୍ରଥମ ବ୍ୟବସାୟ ଥିଲା ବୋଲି ସେ କହିଛନ୍ତି। ନିଖିଳ ସ୍କୁଲ ଶିକ୍ଷା ଛାଡିବା ପରେ ୧୭ ବର୍ଷ ବୟସରେ ୮୦୦୦ ଟଙ୍କା ଦରମାରେ କଲ୍‌ସେଣ୍ଟରରେ କାମ କରୁଥିଲେ। ପିଲା ଦିନରୁ ନିଖିଳ ଜଣେ ବ୍ୟବସାୟୀ ହେବାକୁ ଚାହୁଁଥିଲେ ବୋଲି କହିଛନ୍ତି।

# ପତ୍ନୀଙ୍କ ଇଚ୍ଛା ପୂରଣ ପାଇଁ ବିମାନ ତିଆରି କଲେ ସ୍ୱାମୀ



କରୋନା ମହାମାରୀ ସମସ୍ତଙ୍କ ଜୀବନକୁ ସମ୍ପୂର୍ଣ୍ଣ ରୂପେ ବଦଳେଇ ଦେଇଛି । ପ୍ରତ୍ୟେକ ଦିନ କିଛି ନା କିଛି ଖରାପ ଖବର ସାମ୍ନାକୁ ଆସୁଛି। କିନ୍ତୁ ଏହି ମହାମାରୀ ଅନେକଙ୍କ ପାଇଁ କିଛି ନୂଆ କରିବାର ସୁଯୋଗ ମଧ୍ୟ ସୃଷ୍ଟି କରିଛି। କୋଭିଡ୍ ଲକ୍‌ଡାଉନ୍ ସମୟରେ ଜଣେ ପରିବାର ଘରେ ରହି ବିମାନ ତିଆରି କରିଛନ୍ତି। ଏହି ବିମାନଟି ବାୟୁରେ ଭଲ ଉଡିଥାଏ । ୟୁଟ୍ୟୁବ୍ ଭିଡିଓ ଦେଖି ଏହି ବିମାନଟି ତିଆରି ହୋଇଛି। ଏହି ବିମାନ ତିଆରି କରିଥିବା ପରିବାର ଇଂଲଣ୍ଡର ଏସେକ୍ସରେ ରୁହନ୍ତି। ଏସେକ୍ସର ୩୮ ବର୍ଷିୟ ଅଶୋକ, ତାଙ୍କର ପତ୍ନୀ ଅଭିଳାଶା ଦୁବେ, ଝିଅ ତାରା ଏବଂ ଦିୟା ଏକାଠି ଏହି ବିମାନ ତିଆରି କରିଛନ୍ତି । ଅଶୋକ ଜଣେ ଭଲ ପାଇଲଟ୍ ଏବଂ ଜଣେ ଇଞ୍ଜିନିୟର। ସେ ତାଙ୍କ ପରିବାର ସହିତ ମିଶି ୨ ବର୍ଷରେ ଏହି ବିମାନ ପ୍ରସ୍ତୁତ କରିଛନ୍ତି। ଅଶୋକଙ୍କ ପତ୍ନୀ ଅଭିଳାଶା ଏକ ବିମାନ କିଣିବାକୁ ଚାହୁଁଥିଲେ। ଏକଥା ଶୁଣିବା ପରେ ଅଶୋକ ଘରେ ନିଜର ବିମାନ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ୟୁଟ୍ୟୁବ୍‌ରୁ ଭିଡିଓ ଦେଖିବା ପରେ ସେ ବିମାନ ତିଆରି କରିବା ଆରମ୍ଭ କଲେ। ଏହି ବିମାନରେ ୪ଜଣ ଲୋକ ବସିପାରିବେ। ଏହାକୁ ତିଆରି କରିବା ପାଇଁ ଅଶୋକଙ୍କୁ ତାଙ୍କ ପରିବାର ଲୋକେ ସାହାଯ୍ୟ କରିଛନ୍ତି। ୨୦୨୦ ମସିହାରୁ ସେ ଏହି ବିମାନର ପାର୍ଟ କିଣି କାମ କାମ ଆରମ୍ଭ କରିଥିଲେ।

# ରାତି ଜଗୁଆଳିରୁ ଆଇଆଇଏମ୍ ପ୍ରଫେସର

ଇଚ୍ଛାଶକ୍ତି ଥିଲେ କୌଣସି ଜିନିଷ ଅସମ୍ଭବ ନୁହେଁ, ଏହା ପ୍ରମାଣିତ କରିଛନ୍ତି କେରଳର ରଣଜିତ ରାମଚନ୍ଦ୍ରନ୍। କାସରଗଡରେ ଜନ୍ମିତ ୨୮ ବର୍ଷୀୟ ରଣଜିତଙ୍କ ସଫଳତାର କାହାଣୀ ଖୁବ୍ ପ୍ରେରଣାଦାୟୀ। ଜଣେ ନାଇଟ୍ ଗାର୍ଡରୁ ସେ କିଭଳି ଭାବେ ଆଇଆଇଏମ୍ ଭଳି ଭାରତର ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପ୍ରଫେସର ହୋଇପାରିଲେ ଏକଥା ସେ ସୋସିଆଲ ମିଡିଆ ଯୋଗେ ଜଣାଇଛନ୍ତି। ରଣଜିତଙ୍କର ଏହି ପୋଷ୍ଟ ବେଶ୍ ଭାଇରାଲ ହୋଇଛି। ସେ ସୋସିଆଲ ମିଡିଆରେ ନିଜର ସଂଘର୍ଷଭରା କାହାଣୀ ବର୍ଣ୍ଣନା କରିବା ସହ ନିଜର ଛୋଟ କୁଡ଼ିଆ ଘରର ଫଟୋ ସେୟାର କରିଛନ୍ତି। ଜଣେ ଆଇଆଇଏମ୍ ପ୍ରଫେସର ଏହି କୁଡିଆ ଘରେ ଜନ୍ମ ହୋଇଥିଲା ବୋଲି ସେ ଫଟୋଟିରେ କ୍ୟାପସନ୍ ଦେଇଛନ୍ତି। ଜୀବନରେ ବାଧାବିଘ୍ନ ଆସିବା କାରଣରୁ ନିଜର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଯାଉଥିବା ଯୁବପୀଢ଼ିଙ୍କୁ ସେ ଅନୁପ୍ରାଣିତ କରିବାକୁ ଚାହୁଁଛନ୍ତି ବୋଲି ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ପୋଷ୍ଟରେ ରଣଜିତ ଲେଖିଛନ୍ତି, ମୋ ଜୀବନରେ ଏମିତି ଏକ ସମୟ ଆସିଥିଲା ଯେବେ ମୁଁ ମୋ ସ୍କୁଲ ପାଠପଢ଼ା ଛାଡି ଚାକିରି କରି ଘର ଲୋକଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲି। ମୋ ବାପା ଜଣେ ଦରଜୀ ହୋଇଥିବା ବେଳେ ମା ମନରେଗା ଶ୍ରମିକ। ସ୍ୱଳ୍ପ ରୋଜଗାରରେ ଘରର ପ୍ରତିପୋଷଣ ଖୁବ୍ କଷ୍ଟକର ହେଉଥିଲା। ମୋ ତଳେ ଛୋଟ ଭାଇଭଉଣୀ ଅଛନ୍ତି।



ଘରର ବଡ଼ ପୁଅ ଭାବେ ମୁଁ ପିଲାଟି ଦିନୁ ସଂଘର୍ଷ ଆରମ୍ଭ କରିଥିଲି। ମୁଁ କଲେଜରେ ପାଠପଢ଼ା ଆରମ୍ଭ କରିବା ପରେ ୪୦୦୦ ଟଙ୍କା ମାସିକ ଦରମାରେ ଏକ ବିଏସ୍‌ଏନ୍‌ଏଲ୍ ଟେଲିଫୋନ୍ ଏକ୍ସଚେଞ୍ଜ ସେଣ୍ଟରରେ ନାଇଟ୍ ଗାର୍ଡ ଭାବେ କାମ କଲି। ମୋର ସ୍ନାତକୋତ୍ତର ପାଠପଢ଼ା ଶେଷ ପର୍ଯ୍ୟନ୍ତ ମୁଁ ଏଠାରେ କାମ କରୁଥିଲି। ସେ ସମୟରେ ମୁଁ ଘରକୁ କେବଳ ଖାଇବାକୁ ଯାଏ। ବାକି ସବୁ ସମୟରେ ଟେଲିଫୋନ୍ ଏକ୍ସଚେଞ୍ଜ ସେଣ୍ଟରରେ ରହି ପାଠ ପଢ଼େ। ସ୍ନାତକୋତ୍ତର ପରେ ଆଇଆଇଟି ମାଡ୍ରାସରେ ମୁଁ ପିଏଚ୍‌ଡି କରିବାର ସୁଯୋଗ ପାଇଲି। ସେତେ ପର୍ଯ୍ୟନ୍ତ ମୁଁ ମୋ ଜିଲ୍ଲା ବାହାରେ ପାଦ ରଖି ନଥିଲି। ପିଏଚ୍‌ଡିରେ ପାଠ ପଢ଼ିବା ସମୟରେ ମୋତେ ଭଲ ଭାବରେ ଇଂରାଜୀ ଆସୁନଥିଲା। ମୁଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲି। ଏଣୁ ପିଏଚ୍‌ଡି ପାଠପଢ଼ା ଅଧାରୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲି। କିନ୍ତୁ ତାଙ୍କର ଗାଇଡ୍ ଏ ସମୟରେ ତାଙ୍କୁ ବେଶ୍ ସାହାଯ୍ୟ କରିଥିଲେ ଫଳରେ ସେ ଅର୍ଥନୀତିରେ ପିଏଚ୍‌ଡି ହାସଲ କରିପାରିଲେ ବୋଲି କହିଛନ୍ତି। ଏଭଳି ଭାବେ ବିଭିନ୍ନ ବାଧାବିଘ୍ନ ପରେ ମଧ୍ୟ ହାର ନ ମାନି ରଣଜିତ ନିଜର ଆଶା ପୂରଣ କରିପାରିଛନ୍ତି। ରଣଜିତ୍ ବେଙ୍ଗାଲୁରର କ୍ରିଷ୍ଟ ୟୁନିଭର୍ସିଟିରେ କିଛି ଦିନ ପାଠ ପଢ଼ାଇବା ପରେ ଏବେ ରାଞ୍ଚି ଆଇଆଇଏମ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ପାଠ ପଢ଼ାଉଛନ୍ତି।

# ଅଦିନିଆ ବର୍ଷା ଚାଷୀଙ୍କ ନିଦ ହଜେଇଛି

## ଚାଷୀର ଭରଷା ସରକାରୀ ସହାୟତା

ନିଶ୍ଚିନ୍ତକୋଇଲି, ୨୬/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଅଦିନିଆ ଲଗାଣ ବର୍ଷା ଯୋଗୁଁ ଶତକଡ଼ା ୮୦ଭାଗ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି । ଧାନ ଫସଲର ଅବସ୍ଥା ଦେଖି ଚାଷୀଙ୍କ ଆଖିରୁ ନିଦ ହଜିଗଲାଣି । ଏବେ ଚାଷୀଙ୍କର ଏକମାତ୍ର ଭରଷା ସରକାରୀ ସହାୟତା । ଖରିଫ ଧାନ ଚାଷ ଅମଳ ବେଳକୁ ଅଦିନିଆ ବର୍ଷା ଚାଷୀଙ୍କ ପାଇଁ କାଳ ସାଜିଲା । ଧାନ କଟାଯାଇ କ୍ଷେତରେ ପଡ଼ିଥିଲାବେଳେ ପ୍ରଥମେ ଦୁଇଦିନ ଲଗାଣ ବର୍ଷା ଯୋଗୁଁ କଟାଯାଇଥିବା ଧାନ ଗୁଡ଼ିକୁ ଗଜା ହେବାରୁ ରକ୍ଷା କରିବା ପାଇଁ ଚାଷୀ ସେଗୁଡ଼ିକୁ ରାସ୍ତା କଡ଼ ଉଚ୍ଚା ସ୍ଥାନ ମାନଙ୍କରେ ଶୁଖାଇଥିଲା । ବର୍ଷା ବନ୍ଦ ହେବା ପରେ ଖରା ନହୋଇ ଗୋଟିଏ ଦିନ କୋହଲା ପାଗ ହୋଇଥିଲେ ମଧ୍ୟ ସେଥିରେ ଧାନ ଗୁଡ଼ିକ ଶୁଖିବା ସମ୍ଭବପର ହୋଇନଥିଲା । ପୁର୍ନବାର ଦୁଇଦିନ ହେବ ବର୍ଷା ଲାଗି ରହିଥିବାରୁ ଶୁଖା ଯାଇଥିବା ଧାନ ଗୁଡ଼ିକ ଗଜା ହୋଇ ନଷ୍ଟ ହୋଇଗଲାଣି । କ୍ଷେତରୁ ଉଠିପାରିନଥିବା ଧାନ ଗୁଡ଼ିକର ନଡ଼ା ପଚିଯିବା ସହ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଯେଉଁ ଚାଷୀମାନେ ଧାନ କାଟି ଅମଳ ପାଇଁ ଖଳାକୁ ଆଣିଥିଲେ । ସେମାନେ ମଧ୍ୟ ତାହାକୁ ଅମଳ କରିନପାରିବାରୁ ସେଗୁଡ଼ିକ ଖଳାରେ ରହି ନଷ୍ଟ ହେବାକୁ ଲାଗିଲାଣି । ଯେଉଁ ଚାଷୀମାନେ ବର୍ଷା ଭୟରେ ତରବରିଆ ଭାବେ ମେସିନ ଦ୍ୱାରା ଧାନ କାଟିଥିଲେ ସେହି ଧାନ ଗୁଡ଼ିକ ଶୁଖିନପାରିବାରୁ ସେଗୁଡ଼ିକ ମଧ୍ୟ ଗମା ହୋଇ ନଷ୍ଟ ହେବାରେ ଲାଗିଛି । ଯେଉଁ ଧାନ ଫସଲ କଟାନହୋଇ କ୍ଷତରେ ରହିଛି ସେଗୁଡ଼ିକ ଲଗାଣ ବର୍ଷା ଓ ପବନରେ ଭୂଇଁରେ ଶୋଇଯାଇଥିବାରୁ ତାହା ଉପରେ ବର୍ଷା ପାଣି ବୁଡ଼ି ରହିବାରୁ ସେଗୁଡ଼ିକ ଆଉ ଅମଳ ନହୋଇ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି । ଦେଖିବାକୁ ଗଲେ ଏହି ବ୍ଲକ ଅଧିନରେ ଥିବା ୪୧ଗୋଟି





ପଂଚାୟତରେ ୧୦ହଜାର ହେକ୍ଟର ଚାଷ ଜମିରେ ଧାନ ଫସଲ କ୍ଷତି ହୋଇଥିବା ଆନୁମାନିକ ଆକଳନ କରାଯାଇଛି । ଏଭଳି ସ୍ଥିତିରେ ଚାଷୀ ଉଜୁଡ଼ି ଯାଇଥିବା ଧାନ ଫସଲକୁ କିପରି ସଜାଡ଼ିବ ସେ ନେଇ ପ୍ରାଣପ୍ରଣେ ଉଦ୍ୟମ ଜାରି ରଖିଛି । ବର୍ଷାରେ ଭିଜି ଖିଆପିଆ ଛାଡ଼ି ନଷ୍ଟ ହେଉଥିବା ଧାନ ଗୁଡ଼ିକୁ କିପରି ସାଇତି ରଖିବ ସେଥିପାଇଁ ନିଦ ହଜିଗଲାଣି । ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବୁହାଲୋ ଗ୍ରାମପଂଚାୟତ ଜମରା ଗ୍ରାମର ଧିରେନ୍ଦ୍ରନାଥ ବାରିକ ଜଣେ ଦିବ୍ୟାଙ୍ଗ ଚାଷୀ ତାଙ୍କର ସମ୍ପୂର୍ଣ୍ଣ ଧାନ ଫସଲ ଗୁଡ଼ିକ କଟାହୋଇ କ୍ଷତରେ ପାଣିରେ ବୁଡ଼ି ରହିଅଛି । ସେ ନିଜେ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ କଟା ହୋଇଥିବା ଧାନକୁ ପାଣି ରୁ ଛାଣି ବୋହି ଆଇ ଶୁଖିଲା ଜାଗାରେ ରଖୁଛନ୍ତି । ଚାଷୀମାନେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ସୋସାଇଟ, ବେସରକାରୀ ସଂସ୍ଥା ଗୁଡ଼ିକରୁ ଋଣ ଆଣି ଚାଷୀ ଧାନ ଚାଷରେ ଲଗାଇଥିଲେ । ଏବର୍ଷ ଭଲ ଧାନ ଫସଲ ମଧ୍ୟ ହୋଇଥିଲା । ଧାନ ଅମଳ ପରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ବିକ୍ରି କରି ଚାଷୀ ଭଲ ଦୁଇ ପଇସା ଲାଭବାନ ହେବା ପାଇଁ ଆଶା ବାନ୍ଧିଥିଲା । ହେଲେ ଅଦିନିଆ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଯିବାରୁ ସବୁ ଓଲଟ ପାଲଟ ହୋଇଗଲା । ଖରିଫ ଧାନ ଚାଷ ଏ ଅଂଚଳର ଚାଷୀମାନଙ୍କ ପାଇଁ ଏକମାତ୍ର ସାହା ଭରଷା ପାଲଟିଥିଲା ବେଳେ ଏ ବର୍ଷ ଚାଷୀ ପରିବାର କିଭଳି ଭରଣପୋଷଣ ହେବେ ସେ ନେଇ ଚିନ୍ତା ଘାରିଲାଣି । ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ ତତ୍କାଳ କ୍ଷତିପୂରଣ ଯୋଗାଇ ଦେବା ସହିତ ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା ଚାଷୀଙ୍କ ମୁଖ୍ୟ ଭରଷା ଅଟେ । ଏଥିପ୍ରତି ସରକାର ଗୁରୁତ୍ୱ ଦେଇ ଚାଷୀ କୂଳ କିଭଳି ବଞ୍ଚିବେ ସେ ନେଇ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

## ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ପାଳିତ



ଅତାବିରା ୨୬/୧୨ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଏକ ଶହ ତମ ଜନ୍ମ ଜୟନ୍ତୀ ଅବସରରେ ସ୍ଥାନୀୟ ଟାଉନ ହଲ ଠାରେ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଷ୍ଟଲ ପ୍ରଦର୍ଶନୀ ଉଦଘାଟନ କରିବା ସହ ପଦ୍ମଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ, ମାର୍ଗଦର୍ଶନ ଏବଂ ତାଙ୍କ ଆଦର୍ଶ ବିଷୟରେ ଆଲୋଚନା କରି ବିକଶିତ ଭାରତର ବିଶୁ ମହାରଣା ଭାବେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଶ୍ରୀ ଅଟଳ ଜି ଏବଂ ବର୍ତ୍ତମାନର ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ବିବେଚନା କରିବ ସହ ବିକଶିତ ଭାରତ ଗଠନ ପାଇଁ ସମସ୍ତେ ଜଣେ ଜଣେ ଧର୍ମପଦ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ନିଜ ଅବିଭାଷଣରେ ଅଟଳ ଜୀଙ୍କୁ ଯୁଗନାୟକ ବୋଲି କହିଥିଲେ। ସେ କହିଥିଲେଯେ ଭାରତୀୟ ଇତିହାସରେ ସୁଶାସନର ଜଣେ ପ୍ରବୀଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ ଅଟଳ ବିହାରୀ ବାଜପେୟୀ। କେବଳ ଜଣେ ଉଦାରବାଦୀ ରାଜନୀତିଜ୍ଞ ନୁହେଁ ଜଣେ କବି, ସମାଜସେବୀ, ଲେଖକ, ପତ୍ରକାର ଭାବରେ ସମସ୍ତେ ତାଙ୍କୁ ଜାଣନ୍ତି। କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ବାଜପେୟୀ ଜଣେ ରାଜନେତା ସହ ଜଣେ ଭଲ କବି ମଧ୍ୟ ଥିଲେ। ସଂସଦରେ ଅନେକ ଥର ସେ କବିତା ମାଧ୍ୟମରେ ନିଜ ବୟାନ ରଖିଛନ୍ତି। ତେଣୁ ତାଙ୍କୁ ଜଣେ କବି ଭାବରେ ସାରା ଦେଶ ଜାଣେ। ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟାଲଙ୍କ ସମେତ ଅତାବିରା ବିଧାୟକ ଶ୍ରୀ ନୀହାର ରଞ୍ଜନ ମହାନନ୍ଦ, ବିଧାୟକ, ବିଜେପୁର ଶ୍ରୀ ସନତ କୁମାର ଗର୍ତିଆ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେନ୍ଦ୍ର ମହାପାତ୍ର ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଷ୍ଟଲ ପ୍ରଦର୍ଶନୀର ଉଦ୍ଘାଟନ ପରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ, ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅନୁଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲାର ପ୍ରମୁଖ କବିଙ୍କ ଦ୍ୱାରା ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତା ସମସ୍ତ ପାଠ ଆୟୋଜିତ ହୋଇଥିଲା । ଏଥିସହିତ ଜିଲ୍ଲାର ଲୋକ ସେବାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବିଭାଗ ଏବଂ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା ।ସଭା ସରିବା ପରେ ମନ୍ତ୍ରୀ ନବ ନିର୍ମିତ ସର୍କିଟ୍ ର ନୂତନ କୋଠା କୁ ମନ୍ତ୍ରି ଉଦ୍ଘାଟନ କରିଥିଲେ।

## ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ

ନିଶ୍ଚିନ୍ତକୋଇଲି,୨୬/୧୨ (ନି.ପ୍ର):ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଶାସନିକ ଉତ୍କର୍ଷର ସ୍ଥପତି,ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ଦିବସ ଏବଂ ସୁଶାସନ ଦିବସ କୁଳିଆ ଠାରେ ପାଳିତ ହୋଇଛି । ଯୁବ ସଂଗଠକ ହେମନ୍ତ କୁମାର ରାଉତଙ୍କ ତ□ାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ର ମହାପାତ୍ର, ରଂଜନ କୁମାର ରାଉତ , ଓଁ ଜୟଜଗନ୍ନାଥ ଜୟଶ୍ରୀରାମ, ଦିଲ୍ଲୀପ କୁମାର ରାଉତ,ଶାରଦାପ୍ରସାଦ ମିଶ୍ର, ସଂଜୟ ବେହେରା, ଅମୀୟ ବିଶ୍ୱାଳ, ସମୀର ରାଉତ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବାଜପେୟୀଙ୍କୁ ସଶ୍ରଦ୍ଧ ସମ୍ମାନ ଜଣାଇବା ସହିତ ତାଙ୍କ ନୀତି ଆଦର୍ଶକୁ ପାଥେୟ କରି ଆଜିର ଯୁବ ପିଢି ରାଷ୍ଟ୍ର ହିତ ପାଇଁ କାର୍ଯ୍ୟ କରିବାକୁ ଉତ୍ସବରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ ।

## ପ୍ରାଥମିକ ଶିକ୍ଷକ ସଂଘର ଶପଥ ଗ୍ରହଣ

ନିଶ୍ଚିନ୍ତକୋଇଲି,୨୬/୧୨ (ନି.ପ୍ର): ପବିତ୍ର ବଡ଼ଦିନ ଅବସରରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ନିଶ୍ଚିନ୍ତକୋଇଲି ବ୍ଲକର କର୍ମକ□ାମାନଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଛି । କଟକ ଜିଲ୍ଲା ସଂଘର ସଭାପତି ମନୋଜ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଏଥିରେ ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ବିଶ୍ୱମୋହନ ମିଶ୍ର ପ୍ରମୁଖ ଯୋଗ ଦେଇ କର୍ମକ□ା ମାନଙ୍କ ଶପଥ ପାଠ କରାଇଥିଲେ । ବ୍ଲକ ଶାଖା ସଂଘରେ ମୁଖ୍ୟ ଉପଦେଷ୍ଟା ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଅନନ୍ତକିଶୋର ଭୂୟାଁ ,ଆଇନ ପରାମର୍ଶଦାତା ଭାବେ ଆଡ଼ଭୋକେଟ ଅମରେନ୍ଦ୍ର ନାରାୟଣ ଦାସ ରହିଥିବା ବେଳେ ସଭାପତି ଭାବେ ଶାରଦାପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ଭାବେ କିଶୋର ଚନ୍ଦ୍ର ନାଥ ଓ ଅମିତା ସେଠୀ, ସମ୍ପାଦକ ଭାବେ ଶାନ୍ତନୁ କୁମାର କର,ସହ ସମ୍ପାଦକ ଭାବେ ଗଗନବିହାରୀ ଚାନ୍ଦ, ପବିତ୍ର କୁମାର ଲେଙ୍କା ଓ ଦିଲ୍ଲୀପ କୁମାର ସାମଲ, ଯୁଗ୍ମ ସମ୍ପାଦକ ଭାବେ ଦେବବ୍ରତ ସାମନ୍ତରାୟ, ସଂଯୋଜକ ଭାବେ ଗତିକୃଷ୍ଣ ରାଉତ,କୋଷାଧକ୍ଷ ସେକ୍ ଗୋଲାମ ମେହେନ୍ଦୀ ହସନ୍ ପ୍ରମୁଖ ଉପସ୍ଥିତ ହୋଇ ସେମାନଙ୍କର ଶପଥ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଏହି ବ୍ଲକରେ ସଂଘର ବିଭିନ୍ନ ନୀତିନିୟମ ଅନୁଯାୟୀ କାର୍ଯ୍ୟ କରାଯିବା , ବିଭିନ୍ନ ଦୃଷ୍ଟି କୋଣରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନ୍ୟାୟଚ୍ୟୁତ୍ ଭାବେ ସୁରକ୍ଷା ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଛି । ଅପରପକ୍ଷରେ ଡ଼ିସେମ୍ବର ୨୫ତାରଖ ପବିତ୍ର ବଡ଼ଦିନ ସରକାରୀ ଛୁଟି ଦିବସରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ୫-ଟି ଉଚ୍ଚ ବିଦ୍ୟାଳୟ କ□ପାରୀ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତିରେ ଅନୁଷ୍ଠିତ ହୋଇଥିବା ଏହି ଶପଥଗ୍ରହଣ ଉତ୍ସବକୁ ନେଇ ଶିକ୍ଷାବିତ୍ ମହଲରେ ଚର୍ଚ୍ଚା ଯୋର ଧରିଛି । ସରକାରୀ ଛୁଟିଦିନରେ କିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ସଂଘର ଶପଥ ଗ୍ରହଣ ଅନୁଷ୍ଠିତ ହେଲା ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଯେଉଁମାନେ ଶିକ୍ଷା ନୀତିର ଅବମାନନା କରିଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ମାହାଙ୍ଗା ବିଜେପି ପକ୍ଷରୁ ବାଜପେୟୀଙ୍କ ଜୟନ୍ତୀ ପାଳିତ

ନିଶ୍ଚିନ୍ତକୋଇଲି,୨୬/୧୨ (ନି.ପ୍ର): ମାହାଙ୍ଗା ବିଜେପି ନେତା ତଥା ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ କୁମାର ଘଡ଼େଇଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ତହସିଲ ପାଖ ଭାଜପା କାର୍ଯ୍ୟାଳୟ ପରିସରରେ ପ୍ରଖର ରାଷ୍ଟ୍ରବାଦୀ ମହାନ୍ ଜନନାୟକ, ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ଶ୍ରୀ ଘଡ଼େଇଙ୍କ ସମେତ ଅନ୍ୟ ବିଜେପି କାର୍ଯ୍ୟକର୍ତ୍ତାମାନେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ରୋଗୀ ମାନଙ୍କୁ ପାଉଁରୁଟି, କଦଳୀ ଓ ଫଳ ବ□ନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମିଷ୍ଟାନ୍ନ ବ□ନ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡ଼ାକ୍ତର ଅମିତ୍ କୁମାର ଜେନାଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଡ଼ାକ୍ତରମାନଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ଉପରେ ଆଲୋଚନା କରିଥିଲେ । ଶ୍ରୀ ଘଡ଼େଇ ରୋଗୀମାନଙ୍କୁ ଭେଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସେମାନଙ୍କୁ କିପ୍ରକାର ସ୍ୱାସ୍ଥ୍ୟ ସେବା ଦିଆଯାଉଛି ପଚାରି ବୁଝିଥିଲେ । ପରେ ବରିଷ୍ଠ ବିଜେପି କାର୍ଯ୍ୟକ□ା ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାଧାରଣ ସଭାରେ ବିଜେପି ନେତା ଶ୍ରୀ ଘଡ଼େଇ ବାଜପେୟୀଙ୍କ ରାଜନୀତି ରାଷ୍ଟ୍ରହତକାରୀ ରାଜନୀତି ଥିଲା ବୋଲି ତାଙ୍କ ଅଭିଭାଷଣରେ କହିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦଙ୍କ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରତିନିଧି ମଳୟ କୁମାର ଘଡ଼େଇ, ପ୍ରଣବ ବେହେରା,ରାଜେଶ କୁମାର ବେହେରା,ସମ୍ପଦ କୁମାର ନାୟକ,ତପନ କୁମାର ବିଶ୍ୱା,ଶଶି ନନ୍ଦ,ଯୀଶୁ ମଲିକ,ନିରଞ୍ଜନ ଦାସ,ସିପୁନା ମଲିକ, ହରପ୍ରସାଦ ପୃଷ୍ଟି,ସୂର୍ଯ୍ୟପ୍ରକାଶ ଷଡଙ୍ଗୀ,ଶଙ୍କର୍ଷଣ ସ୍ୱାଇଁ, ସୁଧାକର ଭୂୟାଁ,ଅଜୟ ମହାପାତ୍ର, ଦିବାକର ଦାସ,ଉତ୍କଳରଂଜନ ସ୍ୱାଇଁ,ବିକାଶ ସ୍ୱାଇଁ. ଆକାଶ ଦାସଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକ□ା ଯୋଗ ଦେଇଥିଲେ । ବିଜେପି କାର୍ଯ୍ୟକର୍ତ୍ତା ସତ୍ୟରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସୁଶାସନ ଦିବସରେ ଯୋଗଦେଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ବାଣପୁର ୨୬/୧୨ (ନି.ପ୍ର):ବୁଧବାର ଦିନ ଭାରତର ପୁର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ବିଜେତା ଅଟଳ ବିହାରୀ ବାଜପେୟୀ ଙ୍କ ଜିଲ୍ଲା ସ୍ତରୀୟ ଜନ୍ମ ଜୟନ୍ତୀ ଉତ୍ସବ ଖୋର୍ଦ୍ଧା ଜିଲ୍ଲା ଜୟୀ ରାଜଗୁରୁ ଟାଉନ ହଲ ରେ ମହା ସମାରୋହରେ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଯୋଗଦେଇଥିଲେ । ସଭାକାର୍ଯ୍ୟ ରେ ମାନ୍ୟବର ମନ୍ତ୍ରୀ, ତାଙ୍କ ବକ୍ତବ୍ୟ ରଖି କହିଲେ ଯେ ଅଟଳ ବିହାରି ବାଜପେୟୀ ଜଣେ ସୁବକ୍ତା,କୁଟନିତିଜ୍ଞ, ବିଚକ୍ଷଣ ରାଜନିତିଜ୍ଞ ଏବଂ ଜଣେ ରାଷ୍ଟ୍ର ନିତିଜ୍ଞ ଭାବରେ ତାଙ୍କର ଛାପ ଛାଡ଼ି ଯାଇଛନ୍ତି ବୋଲି ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ତାଙ୍କ ବକ୍ତବ୍ୟରେ କହିଥିଲେ । ଆଣବିକ ଶକ୍ତି ପରିକ୍ଷଣ ପ୍ରତିବନ୍ଧକ ପ୍ରତିବାଦରେ ସେ କିଛି ନ କହି ଆହୁରି ଅଧିକ ଆଣବିକ ଶକ୍ତି ପରିକ୍ଷଣ ପାଇଁ ଉତ୍ସାହିତ କରିଥିଲେ ବୋଲି କହିଥିଲେ ମନ୍ତ୍ରୀ । ଶେଷରେ ଜିଲ୍ଲା ସ୍ତରରେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଏବଂ ମହା ବିଦ୍ୟାଳୟ ସ୍ତରୀୟ ହୋଇଥିବା ବକ୍ତୃତା ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ କପ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପ-ଜିଲ୍ଲାପାଳ ଦିପ୍ତି ରଞ୍ଜନ ସେଠି, ଜିଲ୍ଲା ର ବିଭିନ୍ନ ବିଭାଗୀୟ ଅଧିକାରୀ, ସରପଞ୍ଚ, ଜନ ସାଧାରଣ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଣି ଜ୍ୟୋସ୍ନା ମୟୀ ଆଚାର୍ଯ୍ୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ମୂଷାଖୋରୀ ରେ ପେସା ଦିବସ ପାଳିତ

ପାଟଣା ୨୬/୧୨ (ନି.ପ୍ର):ସରକାର ଚଳିତ ବର୍ଷ ଡ଼ିସେମ୍ବର ମାସ ୨୪ ତାରିଖ କୁ ପେସା ଦିବସ ଭାବେ ଘୋଷଣା କରିଛନ୍ତି । ଓଡିଶା ର ପ୍ରତି ପଂଚାୟତ ରେ ପେସା ଦିବସ ପାଳନ ସହିତ ସଚେତନତା ଶିବିର ର ଆୟୋଜନ କରା ଯାଇଥିଲା । ଏହି ଅବସରରେ ପାଟଣା ବ୍ଲକ ମୂଷାଖୋରୀ ପଂଚାୟତ ପରିସର ରେ ଉକ୍ତ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା କ୍ଷ ବ୍ଲକ ରୁ ନୋଡାଲ ଅଫିସର ବ୍ଲକ ଯୋଗାଣ ଅଧିକାରୀ ସୁନିତା ମାରାଣ୍ଡି ମୂଷାଖୋରୀ ପଂଚାୟତ ର ଏ ଡି ଓ ଙ୍କ ସମେତ ସମସ୍ତ ୱାର୍ଡ ମେମ୍ବର, ମିଶନ ଶକ୍ତି ର ମହିଳା ମାନେ ଉପସ୍ଥିତ ଥିଲେ କ୍ଷ ସରପଞ୍ଚ ଭାମାମଣି ଦାସ ନିଜେ ପେସା ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଆଇନ ର ଆଠ ଗୋଟି ବୈଶିଷ୍ଟ୍ୟ କୁ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରିଥିଲେ କ୍ଷ ସେ ୪ ଥର ଉକ୍ତ ପଂଚାୟତ ର ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ସେ ଦ୍ୱିତୀୟ ଥର ସରପଞ୍ଚ ନିର୍ବାଚିତ ହେବା ପରେ କେନ୍ଦୁଝରର ଆଦିବାସୀ ଉନ୍ନୟନ ସମିତି ସହାୟତାରେ ମହାରାଷ୍ଟ୍ର ରାଜ୍ୟର ତିନିଟି ଜିଲ୍ଲା ର ପେସା ଅଞ୍ଚଳ ପରିଦର୍ଶନ କରି ବା ସହିତ ବହୁ ବାର ପେସା ଆଇନ ସମ୍ବନ୍ଧରେ ତାଲିମ ମଧ୍ୟ ନେଇ ଛନ୍ତି। ସରକାର ଡ଼ିସେମ୍ବର ୨୪ କୁ ପେସା ଦିବସ ରୂପେ ଘୋଷଣା କରିଥିବାରୁ ମୋହନ ମାଝୀ ସରକାର ଙ୍କୁ ଧନ୍ୟବାଦ ଜଣାଇଛନ୍ତି।


## ଭାରସାମ୍ୟ ହରାଇ ପିକ ଅପ ଦୁର୍ଘଟଣା ଚାଳକ ମୃତ

ପାଟଣା ୨୬/୧୨ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି – ରାଜନଗର ରାସ୍ତାର ଡେଣୁଆଁ ନିକଟରେ ଗତ ରାତି ୧୦ ଟା ସମୟରେ ଏକ ଦୃତଗାମୀ ପିକ୍ଅପ ଗଛରେ ପିଟି ହୋଇ ଚୁରମାର ହେବା ସହ ଏହାର ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ତୁରୂମୁଙ୍ଗା ଥାନା ଅନ୍ତର୍ଗତ ବୁଢୀକାପୁଡ଼ି ଗ୍ରାମର ରମେଶ ଚନ୍ଦ୍ର ନାଏକଙ୍କ ପୁଅ ଶିବଶଙ୍କର ନାଏକ (୩୨) ବୋଲି ଜଣାପଡିଛି । ଦୁର୍ଘଟଣା ସମୟରେ ଗୁରୁତର ଥିବା ଶିବଶଙ୍କର ଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ତାଙ୍କୁ ଡାକ୍ତର ସେଠାରେ ରିସିଭ ଡେଥ ଘୋଷଣା କରିଥିଲେ । ପିକଅପ ଟି କେନ୍ଦେଇପଶି କ୍ଷୀର ସଂଗ୍ରହ କେନ୍ଦ୍ରରେ କ୍ଷୀର ଦେବା ପରେ ତୁରୁମୁଙ୍ଗା ଫେରୁଥିବା ସମୟରେ ଡେଣୁଆଁ ନିକଟରେ ଏକ ନିମ୍ବ ଗଛକୁ ଖୁବ ଜୋରରେ ଧକ୍କା ଦେଇଥିଲା । ତୁରୁମୁଙ୍ଗା ଥାନା ମାମଲା ସଂଖ୍ୟା ୩୩୨/୨୦୨୪ ମୂଳେ ଏସ ଆଇ ସୁରେଶ କୁମାର ସାହୁ ଘଟଣାର ତଦନ୍ତ କରିବା ସହ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଇଛନ୍ତି ।

## ସାଇ ଷ୍ଟଡ଼ି ସେଣ୍ଟରର ବାର୍ଷିକ ପୁରସ୍କାର ବିତରଣ

ନିଶ୍ଚିନ୍ତକୋଇଲି,୨୬/୧୨ (ନି.ପ୍ର): କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱ ପାଟପୁର କେନ୍ଦୁପାଟଣା ଛକ ଛତ୍ରକ□ା ବଜାରରେ ଥିବା ସାଇ ଷ୍ଟଡ଼ି ସେ□ରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ଷ୍ଟଡ଼ି ସେ□ରର ପ୍ରତିଷ୍ଠାତା ତଥା ମୁଖ୍ୟ ପରିଚାଳକ ବିଚିତ୍ର କୁମାର ମହାପାତ୍ରଙ୍କ ସଂଯୋଜନା ଏବଂ ଶିକ୍ଷାବିତ୍ ବସନ୍ତବିହାରୀ କରଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବରାଦୋ ସରପ□ ଦିପ୍ତୀରେଖା ବରାଳ, ସମ୍ମାନୀତ ଅତିଥି ଭାବେ କେନ୍ଦୁପାଟଣା ସରପଂଚ ପ୍ରଗତିପ୍ରଭା ମହାନ୍ତି, ମୁଖ୍ୟବକ୍ତା ଭାବେ ଶିକ୍ଷକ ରଂଜନ କୁମାର ସ୍ୱାଇଁ ,ଶିକ୍ଷକ ସନ୍ତୋଷ କୁମାର ପ୍ରହରାଜ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବାକୁ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ବରିଷ୍ଠ ବିଭାଗରେ ମଧୁସ୍ମିତା ସାହୁ,ତାପସ କୁମାର ସେଠୀ,କନିଷ୍ଠ ବିଭାଗରେ ସାଇ ଶୁଭମ ସାହୁ ,ମୋନାଲିସା ଦାସ ଚମ୍ପିୟନ ପୁରସ୍କାର ପାଇଥିଲେ । ଜେପଲିନ୍ ନାୟକ ,କ୍ଷୀରୋଦ କୁମାର ନନ୍ଦ,ରଶ୍ମିରେଖା ଦାସ, ପ୍ରକାଶ କୁମାର ସାହୁ,ତୃପ୍ତିରଂଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ସୋନାଲି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## କାବ୍ୟାଞ୍ଜଳି ପକ୍ଷରୁ ପାଟଣା ରେ ବାଜପେୟୀଙ୍କ ଜୟନ୍ତୀ



ପାଟଣା ୨୬/୧୨ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ଶାସନ କଲ୍ୟାଣ ମଣ୍ଡପ ଠାରେ ଆଜି କାବ୍ୟାଞ୍ଜଳି ପ୍ରଚାର ସମିତି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଯଶସ୍ୱି କବି ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଙ୍କ ୧ଶହ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି ।ଏହି ଅବସରରେ ସ୍ୱରଚିତ କବିତା ପାଠୋତ୍ସବ ଓ କାବ୍ୟାଞ୍ଜଳି ଲୋକାର୍ପଣ ସମାରୋହ କବି ଭାବଗ୍ରାହୀ ମହାନ୍ତ ଙ୍କ ସଂଯୋଜନା ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମ ରେ ଆବାହକ ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ ଅଧ୍ୟକ୍ଷତା କରିଥିଲେ ।ମୁଖ୍ୟ ଅତିଥି ଭାବେ କାବ୍ୟାଞ୍ଜଳି ର ସଭାପତି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ତଥା କବି ଭରତ ଚନ୍ଦ୍ର ସାହୁ ,ସମ୍ମାନୀତ ଅତିଥି ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନ ର ସଭାପତି ନୃସିଂହ ନାଥ ସିଂହ, ଅବସର ପ୍ରାପ୍ତ ଶିକ୍ଷକ ପଞ୍ଚାନନ ଦାଶ, ସାମାଜିକ କର୍ମୀ ଅଜିତ କୁମାର ଦାଶ ଓ ପାଟଣା ମଣ୍ଡଳ ବିଜେପି ସଭାପତି ରମେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।କବି ବୀର କିଶୋର ଦାଶ , ଭରତ ଚନ୍ଦ୍ର ସାହୁ,ରଜତ କୁମାର ଦାଶ, କୃଷ୍ଣ ଚନ୍ଦ୍ର ଦାଶ ଓ ସରୋଜ କୁମାର ଦାଶ ପ୍ରମୁଖ ଅନ୍ୟମାନେ ବାଜପେୟୀ ଙ୍କ ସ୍ମୃତିରେ କବିତା ପାଠ କରିଥିବା ବେଳେ ଅତିଥି ବକ୍ତା ଗଣ ବାଜପେୟୀ ଙ୍କ ଜୀବନ ଦର୍ଶନ , ରାଜନୈତିକ ପରିପକ୍ୱତା, କାବ୍ୟିକ ପ୍ରତିଭା ଓ ସୁଶାସନ ଉପରେ ନିଜ ନିଜର ଭାଷଣ ରଖିଥିଲେ ।ଶେଷରେ ନାଏବ ସୁବେଦାର ନାରାୟଣ ବାରିକ ବାଜପେୟୀ ଙ୍କ ସୈନିକ ମାନଙ୍କ ପ୍ରତି ଥିବା ସମ୍ମାନ ର ମାତୃଭୂମି ପ୍ରତି ସମର୍ପଣ ର ଭାବନା କୁ ସ୍ମରଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ବାଇକ ଚାଳକ ମୃତ , ଦୁର୍ଘଟଣା କୁ ନେଇ ରାସ୍ତା ରୋକ ଓ ଉତ୍ତେଜନା

ପାଟଣା ୨୬/୧୨ (ନି.ପ୍ର): ଘଟଗାଁ ଥାନା ଅଞ୍ଚଳ ୨୦ ନମ୍ବର ଜାତୀୟ ରାଜପଥର ଘଟଗାଁ – ଢେଙ୍କିକୋଟ ରାସ୍ତା ମଧ୍ୟସ୍ଥ ବରବେଡା ନିକଟରେ ଆଜି ସନ୍ଧ୍ୟାରେ ମର୍ମନ୍ତୁକ ସଡ଼କ ଦୁର୍ଘଟଣା ରେ ଜଣେ ବାଇକ ଚାଳକ ଙ୍କ ର ମୃତ୍ୟୁ ଘଟିଛି। ବାଇକ ଚାଳକ ଜଣକ ଘଟଗାଁ ବ୍ଲକ ଅନ୍ତର୍ଗତ ଶଗଡ଼ିଆ ଗ୍ରାମର ଆନନ୍ଦ ଚନ୍ଦ୍ର ମହାନ୍ତ (୪୬) ବୋଲି ପ୍ରାରମ୍ଭିକ ସୂଚନା ମିଳିଛି। ତାଙ୍କୁ ଧକ୍କା ଦେଇ ଗାଡ଼ିଟି ତାଙ୍କ ଉପରେ ଚଢ଼ି ଯିବାରୁ ଶରୀର ସମ୍ପୁର୍ଣ୍ଣ ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ରାସ୍ତା ଉପରେ ଶବ ପଡ଼ି ରହିଥିବା ବେଳେ ଘଟଣା କୁ ନେଇ ଏଠାରେ ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ବେଳେ ଉଭୟ ପାର୍ଶ୍ୱ ରେ ଶହ ଶହ ଯାନ ବାହନ ଅଟକି ରହିଛି। ଘଟଣା ସ୍ଥଳରେ ଘଟଗାଁ ଓ ଢେଙ୍କିକୋଟ ପୁଲିସ ପହଞ୍ଚି ପରିସ୍ଥିତି କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା ଚଳାଇଛି।

## ଏମକେସିଜିରେ ଥାଇରଏଡ ମେସିନ ଅଚଳ, ରୋଗୀ ହନ୍ତସନ୍ତ

ବ୍ରହ୍ମପୁର ୨୬/୧୨ (ନି.ପ୍ର): ଏମକେସିଜି ମେଡିକାଲରେ ଥିବା ଥାଇରଏଡ ମେସିନ ଅଚଳ ହୋଇପଡିଛି । ଦିନେ କିମ୍ବା ଦୁଇ ଦିନ ନୁହଁ ଆଜକୁ ପାଖାପାଖି ୬ ମାସ ହେବ ଏହି ମେସିନଟି ଖରାପ ହୋଇ ପଡି ରହିଥିଲେ ମଧ୍ୟ ଏମକେସିଜି କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନାହିଁ ।ଏପଟେ ମେସିନ ଖରାପ ଯୋଗୁ ଏମକେସିଜିକୁ ଆସୁଥିବା ଗଞ୍ଜାମ ସମେତ ଆଖାପାଖ ଜିଲା ଓ ଆନ୍ଧ୍ର ସୀମାନ୍ତର ଶହଶହ ରୋଗୀ ହଇରାଣ ହେବା ସହ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏମକେସିଜି ମେଡିକାଲର ବର୍ହିବିଭାଗକୁ ଦୈନିକ ଶହ ଶହ ଗର୍ଭବତୀ ଚିକିତ୍ସା ପାଇଁ ଆସୁଛନ୍ତି । ଗର୍ଭବତୀ ହେବା ପରେ ଡାକ୍ତରମାନେ ପ୍ରଥମେ ଥାଇରଏଡ ପରୀକ୍ଷା କରାଇବାକୁ ମହିଳାଙ୍କୁ ପରାମର୍ଶ ଦେଇଥାନ୍ତି । ସେହିପରି ମାସିକ ଋତୁସ୍ରାବରେ ଅନିୟମିତତା ଦେଇ ଗତି କରୁଥିବା ମହିଳାଙ୍କୁ ମଧ୍ୟ ଥାଇରଏଡ ପରୀକ୍ଷା କରିବାକୁ କୁହାଯାଇଥାଏ । ଶିଶୁ ବିଭାଗରୁ ମଧ୍ୟ ପ୍ରତ୍ୟେକ ଦିନ ଏକାଧିକ ରୋଗୀଙ୍କ ଥାଇରଏଡ ପରୀକ୍ଷାର ଆବଶ୍ୟକତା ପଡିଥାଏ ରକ୍ତ ଓ ମୂତ୍ର ପରୀକ୍ଷା ରିପୋର୍ଟ ଭଳି ଥାଇରଏଡ ପରୀକ୍ଷା ରିପୋର୍ଟ ଦେଖିବା ପରେ ହିଁ ଡାକ୍ତରମାନେ ରୋଗୀଙ୍କ ପାଇଁ ଔଷଧ କିମ୍ବା ଇନଜେକସନ ଲେଖିଥାନ୍ତି ।ଏମକେସିଜିକୁ ଆସୁଥିବା ଗରିବ ରୋଗୀଙ୍କ ମାଗଣାରେ ଥାଇରଏଡ ପରୀକ୍ଷା କରାଇବାକୁ ଏମକେସିଜିର ରୋଗ ନିଦାନ କେନ୍ଦ୍ରର ତଳ ମହଲାରେ ଥାଇରଏଡ ମେସିନ ରହିଛି ହେଲେ ଆଜକୁ ପ୍ରାୟ ୧ ବର୍ଷ ହେବ ଏହି ମେସିନଟି ଠିକ ଭାବେ କାମ କରୁନାହିଁ । ଆଜକୁ ୬ ମାସ ହେବ ଏହି ମେସିନଟି ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡିଛି । ୭ ମାସ ତଳେ ଏହି ଥାଇରଏଡ ମେସିନଟି ଖରାପ ହେବା ପରେ ଏହାକୁ ମରାମତି କରାଯାଇଥିଲା । ହେଲେ କିଛି ଦିନ ଚାଲିବା ପରେ ଏହା ପୁଣି ଅଚଳ ହୋଇପଡିଥିଲା ।ସେବେଠାରୁ ଏହି ମେସିନଟି ରୋଗୀଙ୍କୁ ସେବା ଯୋଗାଇ ପାରୁନାହିଁ । ଫଳରେ ଏମକେସିଜିର ରୋଗୀମାନେ ରୋଗ ନିଦାନ କେନ୍ଦ୍ରକୁ ଯାଇ ରକ୍ତ, ମଳ, ମୂତ୍ର ସହ ଅନ୍ୟାନ୍ୟ ପରୀକ୍ଷା ମାଗଣାରେ କରାଉଥିଲେ ମଧ୍ୟ ଥାଇରଏଡ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି । ଥାଇରଏଡ ପରୀକ୍ଷା ପାଇଁ ଏମକେସିଜିର ରୋଗୀଙ୍କୁ ଘରୋଇ ଡାଏଗ୍ନୋଷ୍ଟିକ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି ସେଠାରେ ରୋଗୀଙ୍କୁ ପାଖାପାଖି ୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଯାହା ସରକାରଙ୍କ 'ନିଦାନ' ଯୋଜନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସେହିପରି ବାହାରକୁ ଯାଇ ପରୀକ୍ଷା କରାଇବାକୁ ପଡୁଥିବାରୁ ରୋଗୀମାନେ ଠିକ ସମୟରେ ଡାକ୍ତରଙ୍କୁ ନିଜ ରିପୋର୍ଟ ମଧ୍ୟ ଦେଖାଇ ପାରୁନାହାନ୍ତି । ତେବେ ଏମକେସିଜିରେ ଖରାପ ହୋଇଥିବା ଥାଇରଏଡ ମେସିନଟି କାହିଁକି ମରାମତି କରାଯାଉ ନାହିଁ ତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି । ଏମକେସିଜି କର୍ତ୍ତୃପକ୍ଷଙ୍କ ଅବହେଳାରୁ ରୋଗୀମାନେ ଆଜି ଯାଏଁ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଏନଏସଏସ ୟୁନିଟ-୨ ର ଶୀତକାଳୀନ ସ୍ୱତନ୍ତ୍ର ଶିବିର

ବୁଗୁଡା ୨୬/୧୨ (ନି.ପ୍ର): ବୁଗୁଡା ପିପୁଲସ କଲେଜର ରାଷ୍ଟ୍ରୀୟ ସେବା ଯୋଜନା ୟୁନିଟ-୨ ପକ୍ଷରୁ ଡିସେମ୍ବର ୨୫ ତାରିଖ ଠାରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ସାତ ଦିନ ପାଇଁ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଘାଟିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ଶିବିରରେ କଲେଜର ପ୍ରିନ୍ସିପାଲ ପ୍ରଫେସର ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆଇକିୟୁଏସି ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏନର୍ସଏସ ୟୁନିଟ-୧ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରବୀନ୍ଦ୍ର ନାଥ ପୋଲାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦେଶ ତଥା ସମାଜର ହିତ ପାଇଁ ସେବା କରିବା ସ୍ୱେଚ୍ଛାସେବୀ ବୃନ୍ଦଙ୍କ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ଅତିଥି ବୃନ୍ଦ ପ୍ରକାଶ କହିଥିଲେ। ରାଷ୍ଟ୍ରୀୟ ସେବା ଯୋଜନା ୟୁନିଟ-୨ (ମହିଳା)ର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସସ୍ମିତା ସାମନ୍ତରା ଶିବିର ବିଷୟରେ ସୂଚନା ଦେବସହ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କତକଲା ଗ୍ରାମକୁ ପୋଷ୍ୟ ଗ୍ରାମ ରୂପେ ଗ୍ରହଣ କରାଯାଇଛି। ଶେଷରେ ସ୍ୱେଚ୍ଛାସେବୀ ମାମାଲି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ଷାରେ ଧାନ ଓଦା ହୋଇ ଗଜା ହେଲାଣି

# ଫସଲ ନଷ୍ଟ ହେବା ନେଇ ଚିନ୍ତାରେ ଚାଷୀ

ନିଶ୍ଚିନ୍ତକୋଇଲି,୨୬/୧୨ (ନି.ପ୍ର): ଲଘୁଚାପ ଜନିତ ଅଦିନିଆ ବର୍ଷା ଦୁଇ ଦିନ ହେବା ପରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ବିଭିନ୍ନ ପଂଚାୟତରେ ବ୍ୟାପକ ଧାନ ଫସଲ ବର୍ଷା ଜଳରେ ବୁଡ଼ି ରହି ଗଜା ହେବାରେ ଲାଗିଛି । ଚାଷୀମାନେ କିଭଳି ଧାନ ଅମଳ କରିବେ ସେ ନେଇ ବ୍ୟସ୍ତ ହେଉଥିଲେ ମଧ୍ୟ ନିରୁପାୟ ହୋଇ ଚିନ୍ତାରେ ପଡ଼ିଛନ୍ତି । ଏହି ବ୍ଲକ ଅଂଚଳରେ ୬୦ମି.ଲି.ରୁ ଲଗାଣ ବର୍ଷା ହୋଇଥିବାରୁ ଖାଲୁଆ ଧାନ କ୍ଷେତ ଗୁଡ଼ିକରେ କଟାଯାଇ ପଡ଼ିଥିବା ଧାନ ହେନା ,ବର୍ଷା ପାଣିରେ ବୁଡ଼ି ରହିଥିବା ବେଳେ କଟାଯାଇଥିବା ଧାନ ଗୁଡ଼ିକ ଶୋଇପଡ଼ିବା ଯୋଗୁଁ ସେଗୁଡ଼ିକ ପାଣିରେ ବୁଡ଼ି ରହି ଗଜା ବାହାରିଲାଣି । ଏହି ବର୍ଷା ଯୋଗୁଁ ବିଭିନ୍ନ ପଂଚାୟତରେ ଆନୁମାନିକ ୪୦ଭାଗ ଧାନ ଫସଲ କ୍ଷୟକ୍ଷତି ହୋଇଥିବା ଦେଖାଦେଇଛି । ବହୁ ଚାଷୀ କ୍ଷେତରେ ପଡ଼ିଥିବା କଟା ଧାନ ଗୁଡ଼ିକୁ ପାଣିରୁ ଛାଣି ଆଣି ଉଚ୍ଚା ସ୍ଥାନରେ ଶୁଖାଉଥିଲେ ମଧ୍ୟ ଧାନର ମାନ ହ୍ରାସ ହେଉଥିବା ଦେଖାଯାଇଛି । ଏଥର ମଣ୍ଡିରେ ଗୁଣାତ୍ମକ ମାନର ଧାନ ବିକ୍ରି ପାଇଁ ନେଲେ ଚାଷୀ ମାନଙ୍କୁ ସରକାରଙ୍କ ପକ୍ଷରୁ କ୍ୱି□ଲ ପ୍ରତି ୩୧୦୦ଟଙ୍କା ଦିଆଯିବା ପାଇଁ ଘୋଷଣା କରାଯାଇଥିଲା ବେଳେ ଅମଳ ସମୟରେ ଅଦିନିଆ ବର୍ଷା ଧାନର ମାନକୁ ବଦଳାଇ ଦେଇଥିବାରୁ ଚାଷୀମାନେ ଧାନ ବିକ୍ରି କରିବା ନେଇ ଚିନ୍ତାରେ ପଡ଼ିଛନ୍ତି । ଯେଉଁ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଧାନ ଚାଷ ପାଇଁ ନିଜର ନାମକୁ ବୀମା ଅନ୍ତର୍ଭୁକ୍ତ କରିଛନ୍ତି ସେମାନେ ବୀମା ସଂସ୍ଥା ପକ୍ଷରୁ କ୍ଷତିପୂରଣ ପାଇବେ । ଏହି ବ୍ଲକ ଅଂଚଳରେ ୧୨ହେକ୍ଟରରୁ ଊର୍ଦ୍ଧ୍ୱ ଧାନ ଚାଷ କରାଯାଇଛି । ଅନେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା କରିପାରିନାହାଁନ୍ତି । ଯେଉଁମାନେ ବୀମା କରିପାରିନାହାଁନ୍ତି ସେହି ଚାଷୀମାନଙ୍କର କ୍ଷୟକ୍ଷତି ହୋଇଥିବା ଧାନଚାଷର ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଇ କ୍ଷୟକ୍ଷତିର ଆକଳନ କରାଇ ସମ୍ପୃକ୍ତ ଚାଷୀମାନଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ ପାଇଁ ଚାଷୀ ମହଲରେ ଦାବି ହୋଇଛି ।



## ରାଷ୍ଟ୍ରୀୟ ଏକତା ଶିବିରରେ ଏନଏସଏସ ସ୍ୱେଚ୍ଛାସେବୀ




ପୋଲସରା ୨୬/୧୨ (ନି.ପ୍ର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ମଧ୍ୟପ୍ରଦେଶର ଗୋଆଲିଆର ସ୍ଥିତ ରାଣୀ ଲକ୍ଷ୍ମୀବାଇ ଜାତୀୟ ଶାରୀରିକ ଶିକ୍ଷା ସଂସ୍ଥା ଠାରେ ଜାତୀୟ ସେବା ଯୋଜନା (ଏନଏସଏସ)ର ରାଷ୍ଟ୍ରୀୟ ଏକତା ଶିବିର - ୨୦୨୪, ଡ଼ିସେମ୍ବର ୨୧ ତାରଖରୁ ଡିସେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଅଛି । ଏହି ଶିବିରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ତଥା କଣ୍ଟିଞ୍ଜେଣ୍ଟ ଲିଡର ଅଧ୍ୟାପକ ସେକ୍ ଫରିଦଙ୍କ ନେତୃତ୍ୱରେ ବ୍ରହ୍ମପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମେଡିକାଲ କଲେଜ ଓ ହସପିଟାଲର ସ୍ୱେଚ୍ଛାସେବୀ ଆତ୍ରି ଦାସ, ନୂଆପଡା ଏନଏସବି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଗୋପାଳ କୃଷ୍ଣ ଦଳେଇ, ହିଞ୍ଜିଳିକାଟୁ ସ୍ୱୟଂଶାସିତ ମହାବିଦ୍ୟାଳୟ ର ସ୍ୱେଚ୍ଛାସେବୀ କାହ୍ନୁ ଚରଣ ପାତ୍ର, ବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ କ୍ରୀଷ୍ଣା ଗୌଡ଼, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ରଘୁନାଥ ସାହୁ, ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ରେଶ୍ମା ରାଣୀ ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରିୟଙ୍କା ମନ୍ତ୍ରୀ ଓ କୌସ୍ତୁବା ସାହୁ ପ୍ରଭୃତି ଯୋଗଦେଇ ଓଡ଼ିଶୀ ନୃତ୍ୟ, ଚଢ଼େୟା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ମଙ୍ଗଳା ନୃତ୍ୟ ପରିବେଷଣ କରି ଓଡ଼ିଶା ପାଇଁ ଗୌରବ ଆଣିପାରିଛନ୍ତି । ଏହି ପରିପ୍ରେକ୍ଷୀରେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ସେକ ଫରିଦ୍ ତାଙ୍କୁ ସୁଯୋଗ ଦେଇଥିବାରୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାସ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ସଂଯୋଜକ ପ୍ରଫେସର ଜୟନ୍ତ କୁମାର ପଣ୍ଡା, ଭୁବନେଶ୍ୱରସ୍ଥିତ ଏନଏସଏସ ର ଆଞ୍ଚଳିକ ନିର୍ଦ୍ଦେଶକ ଓ ନିଖିଳ ସାର, ଗଞ୍ଜାମ ଜିଲ୍ଲା ପ୍ରୋଗ୍ରାମ ଅଫିସର ଗଣେଶ ସାହୁ, ସୌମ୍ୟ ରଞ୍ଜନ ସାହୁ ପ୍ରଭୃତିଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## କେନାଲ ବନ୍ଧ ରାସ୍ତା କାର୍ଯ୍ୟ ନିମ୍ନମାନର ତଦନ୍ତ ଦାବି ପ୍ରତିବାଦରେ ଆନ୍ଦୋଳନ ଧମକ


ନିମାପଡା ୨୬/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ତୁଳସୀପୁର ପଂଚାୟତ ଅନ୍ତର୍ଗତ ବିନିସ ପୁର ସବ ମାଇନର କେନାଲ ବନ୍ଧ କାର୍ଯ୍ୟ ନିମ୍ନ ମାନର ହେଉଥିବା ନେଇ ଅଭିଯୋଗ ହୋଇଛି.। ପ୍ରାଚୀ ଡିଭିଜନ ଅଧିନସ୍ଥ ବିନିସ ପୁର ସବ ମାଇନର କେନାଲ ର ବାମପଟ ବନ୍ଧ ଚହଟା ବ୍ରିଜ ଠାରୁ ହୀରା ପାଟଣା ବରାହୀ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି.। ଏହି ରାସ୍ତା ଟି ସମ୍ପୂର୍ଣ ହେଲେ ଚହଟା, ହୀରା ପାଟଣା ଓ ଚଉରାଶି ଗ୍ରାମର ଲୋକମାନେ ଉପକୃତ ହେବେ। ପ୍ରାୟ ୩ଲକ୍ଷ ରୁ. ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ରାସ୍ତା କାର୍ଯ୍ୟକୁ ଠିକାଦାର ନିମ୍ନମାନର କରୁଥିବା ନେଇ ପାଣି ପଂଚାୟତ ସଭାପତି ବନ ବିହାରୀ ଦାଶ ଅଭିଯୋଗ କରିଛନ୍ତି.।ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ କରାଯାଉଥିବା ନାଳି ଗୋଡି ଓ ବାଲି ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବେଳେ ରାସ୍ତାର ଲମ୍ବ ଓ ପ୍ରସ୍ଥ ସଠିକ ନଥିବା ଅଭିଯୋଗ ହେଉଛି। ଉକ୍ତ କାର୍ଯ୍ୟରେ ବ୍ୟବହୃତ ମାଟି ସେହି କେନାଲ ରୁ ଜେସିବି ଦ୍ୱାରା ଖୋଳା ଯିବା ହେତୁ ଚାଷ ଜମି ଠାରୁ କେନାଲ ଟି ଅଧିକ ଖାଲ ହୋଇଯାଉଛି. ।ରାସ୍ତା କାର୍ଯ୍ୟ ନିର୍ମାଣ ସମୟରେ ତଦାରଖ ପାଇଁ କୌଣସି ବିଭାଗୀୟ ଅଧିକାରୀ ବା କର୍ମଚାରୀ ଉପସ୍ଥିତ ନ ରହିବା ଫଳରେ ଠିକାଦାର ମନଇଛା କାର୍ଯ୍ୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକ ମାନେ ଅଭିଯୋଗ କରିଛନ୍ତି ।ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରା ନଗଲେ ଆନ୍ଦୋଳନତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଶ୍ରୀ ଦାଶ ବିଭିନ୍ନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡିଛି ।

## ପୁଣି ଆସୁଛି ଲଘୁଚାପ ,ଚାଷୀ ଆତଙ୍କିତ

ନିମାପଡ଼ା ୨୬/୧୨ (ନି.ପ୍ର): ବଙ୍ଗୋପ ସାଗର ରେ ସୃଷ୍ଟି ହୋଇଥିବା ଲଘୁଚାପ ଫଳରେ ନିମାପଡ଼ା ଗୋପ କାକଟପୁର ଅସ୍ତରଙ୍ଗ ଅଞ୍ଚଳରେ ଦୁଇ ଦିନ ଭଲ ବର୍ଷା ହୋଇ ଫସଲ ହାନୀ ଆଶଙ୍କା ଅପୂଜିଥିଲା ଦୁଇ ଦିନ ପାଗ ପରିବର୍ତ୍ତନ ହେବାରୁ ବର୍ଷକ ର ଦାନା ଯୋଗାଡ ଉଦ୍ଦେଶ୍ୱରେ କ୍ଷେତରୁ ଫସଲ କୁ ଆଣି ବାଡି ଖଳାରେ ସାଇତି ରଖୁଛନ୍ତି ।ପୁନଶ୍ଚ ୨୪,୨୫ ରେ ପାଗ ମେଘୁଆ ରହିବା ସହିତ ଆସନ୍ତା ୨୭ ରେ ଆଉ ଗୋଟିଏ ଲଘୁଚାପ ସୃଷ୍ଟି ହୋଇ ବର୍ଷା ହେବାର ସମ୍ଭାବନା ଥିବା ନେଇ କେତେକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଚାଷୀ ମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି ।ଏହି ସବୁ ଅଞ୍ଚଳରେ ପ୍ରାୟ ୪୦ ଭାଗ ଫସଲ କଟା ସାରିଥିବା ବେଳେ ୨୦ ଭାଗ ଧାନ ବିଲରେ କଟା ଯାଇ ଚକଡ଼ା ପଡ଼ିଥିଲା । ବର୍ଷା ଯୋଗୁଁ ନଷ୍ଟ ହେବାର ଆଶଙ୍କା ଥିଲା ।ମାତ୍ର ଚାଷୀ ମାନେ ସେ ଫସଲ ଗୁଡ଼ିକୁ ବିଲରୁ ଖଳାକୁ ଆଣିବା ଲାଗି ପ୍ରୟାସ ଜାରି ରଖିଛନ୍ତି ।ଯଦି ଆଗାମୀ ୨୭ ରେ ପୁନର୍ବାର ବର୍ଷା ହୁଏ ତେବେ ବିଲରୁ ଫସଲ ଅମଳ କରିବା କଷ୍ଟ କର ହୋଇପଡିବ ବୋଲି କେତେକ ଚାଷୀ କହିଛନ୍ତି ।ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ଓ କୃଷି ବିଭାଗ କର୍ମଚାରୀ ମାନେ ମିଳିତ ଭାବେ ଚାଷ ଜମି ସବୁ ତଦନ୍ତ କରି କ୍ଷୟ କ୍ଷତି ରିପୋର୍ଟ ଦେବା କୁ ନିର୍ଦ୍ଦେଶ ଆସିଛି ।ସେମାନେ ତଦନ୍ତ କାର୍ଯ୍ୟ ଆଜି ଠାରୁ ଆରମ୍ଭ କରିଥିବା ଜଣାପଡିଛି ।ସାଧରଣତଃ ଅକ୍ଟୋବର ଓ ନଭେମ୍ବର ମାସରେ ଲଘୁଚାପ ବର୍ଷା ହୋଇଥାଏ ।ମାତ୍ର ପୂଷ ମାସରେ ଲଘୁଚାପ ବର୍ଷା ଚାଷୀ କୂଳକୁ ହତାଶ କରିବାର ଆଶଙ୍କା କୁ ଏଡାଇ ଦିଆ ଯାଇ ନପାରେ ବୋଲି ବହୁ ଚାଷୀ କହିଛନ୍ତି ।

## ଶୁକପାଇକା (କାଣି ନଦୀ) ଅଶ୍ୱଖଳା ଯୋରରେ ମିଶିଲେ ଆନ୍ଦୋଳନ ହେବ

### ୩୦ଟି ପଂଚାୟତର ଉଦବୃ ଜଳର ନିଷ୍କାସନ ପଥ ସୁକପାଇକା



ନିଶ୍ଚିନ୍ତକୋଇଲି,୨୬/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବାବୁଜଙ୍ଗ ଗ୍ରାମ ନିକଟରେ ମହାନଦୀରୁ ଶୁକ ପାଇକା (କାଣୀ ନଦୀ) ବାହାରି ୧୧କି.ମି ବ୍ୟାପୀ ୩୦ଗୋଟିରୁ ଉର୍ଦ୍ଧ୍ୱ ପ□ାୟତ ଦେଇ ପୁନର୍ବାର ବଡ଼ ପାଇକାରେ ଲୀନ ହୋଇଛି । ଏହି ଶୁକ ପାଇକା ଦେଇ ବର୍ଷାଦିନେ ଉଦ୍‌ବୃ□ ବର୍ଷା ଜଳ ଏବଂ ନଦୀର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଉକ୍ତ ୩୦ଗୋଟି ପଂଚୟତର ଶହ ଶହ ହେକ୍ଟର ଚାଷ ଜମିରେ ଧାନ ଫସଲ ହୋଇଥାଏ । ଏହି ପଂଚାୟତର ଲୋକମାନେ ଧାନଫସଲ କରି ବେଶ ଲାଭବାନ ହେଉଥିବା ବେଳେ ଅନ୍ୟ ଋତୁରେ ଶୁକ ପାଇକା ଜଳରେ ବିଭିନ୍ନ ପ୍ରକାର ପନିପରିବା ଫସଲ କରି ସେମାନଙ୍କର ଆର୍ଥିକ ମାନଦଣ୍ଡକୁ ବଢାଇଥାନ୍ତି । ଦେଶ ସ୍ୱାଧୀନତା ପୂର୍ବରୁ ବିଗତ ୬୦ବର୍ଷ ହେବ ଏହି ପ୍ରକିୟାରେ ଶୁକ ପାଇକା ଦେଇ ଉଦବୃ□ ଜଳ ନିଷ୍କାସିତ ହେବାରୁ ୩୦ଗୋଟି ପଂଚାୟତ ଶସ୍ୟ ଶ୍ୟାମଳାରେ ଭରପୁର ହେଉଛି । ସୁକ ପାଇକାରେ କିଭଳି ଭଲଭାବରେ ଜଳ ନିଷ୍କାସିତ ହୋଇପାରିବ ସେ ନେଇ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଇଛି । ଅପରପକ୍ଷରେ ମଣିଜଙ୍ଗ ପଂଚାୟତ ଧାରବିଲ ରୁ ବାହାରିଥିବା ଅଶ୍ୱଖଳା ଯୋରରେ ମଧ୍ୟ ବର୍ଷା ଦିନେ ଚାଷଜମିରୁ ଉଦବୃ□ ଜଳ ପ୍ରଭାବିତ ହୋଇଥାଏ । ଅଶ୍ୱଖଳାର ଦୁଇ ପାର୍ଶ୍ୱରେ ଥିବା ପାଇକା ଓ ଚିତ୍ରୋତ୍ପଳାର ଦୂରତା ମାତ୍ର ୨/୩ କିଲୋମିଟରେ ପର୍ଯ୍ୟନ୍ତ ବ୍ୟାପିଛି । ଏହି ଅ□ଳର ଚାଷୀମାନେ କେନାଲ ଦ୍ୱାରା ଜଳସେଚନର ସୁବିଧା ପାଉଥିଲା ବେଳେ ଗମନାଗମନ ପାଇଁ ନଦୀବନ୍ଧ ଓ କେନାଲ ବନ୍ଧରେ ରାସ୍ତା ନିର୍ମାଣ କରାଯାଇଛି । ବର୍ତ୍ତମାନ କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ସୁକ ପାଇକା (କାଣିନଦୀର) ମୁହଁକୁ ଜବରଦସ୍ତ ଖୋଲି ଅଶ୍ୱଖଳା ଯୋରରେ ମିଶେଇବା ପାଇ ଉଦ୍ୟମ କରୁଛନ୍ତି । ଯଦି ଏହା କରାଯାଏ ତାହେଲେ ସୁକ ପାଇକା ଉପରେ ନିର୍ଭର କରୁଥିବା ୩୦ଗୋଟି ପ□ାୟତ ଅଧିବାସୀମାନଙ୍କର ବହୁ କ୍ଷତି ହେବ । ସୁକ ପାଇକା ଦେଇ ନିଷ୍କାଷିତ ହେଉଥିବା ଉଦବୃ□ ବର୍ଷା ଜଳ ସଠିକ୍ ଭାବେ ନଯାଇ ସେହି ଅ□ଳ ଗୁଡ଼ିକରେ ବନ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖାଯିବ । ଅପରପକ୍ଷରେ ଯେଉଁ ଶହ ଶହ ହେକ୍ଟର ଜମିରେ ଚାଷ କାର୍ଯ୍ୟ ସମ୍ଭବ ହୋଇପାରୁଥିଲା ତାହା ମଧ୍ୟ କ୍ଷତିଗ୍ରସ୍ତ ହେବ । ଫଳରେ ଉକ୍ତ ୩୦ ଗୋଟି ପ□ାୟତର ଅଧିବାସୀମାନେ ଚାଷ ପାଇଁ ନିର୍ଭର କରୁଥିବା ଏହି ଶୁକପାଇକା ସେମାନଙ୍କ ପାଇଁ ଦୁଃଖର କାରଣ ହେବ । ଯେଉଁ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନେ ସୁକ ପାଇକାକୁ ଅଶ୍ୱ ଖଳା ସହିତ ମିଶେଇବା ପାଇଁ ଉଦ୍ୟମ କରୁଛନ୍ତି ସେଥିରୁ ସେମାନେ ନିବୃ□ ରହିବା ପାଇଁ ଏହି ପ□ାୟତବାସୀ ମାନେ ଚେତାବନୀ ଦେଇଛନ୍ତି । ଯଦି ଏଭଳି କାର୍ଯ୍ୟ କରାଯାଏ ତାହେଲେ ବାବୁଜଙ୍ଗର ସରପ□ ମିଳନ ଭୂୟାଁ, ସମିତିସଭ୍ୟ ଅଭୟ ଲେଙ୍କା, ପୂର୍ବତନ ସରପ□ ଆଲୋକ ନାରାୟଣ ଖୁଣ୍ଡିଆ, ଉ□ରକୂଳର ସମିତିସଭ୍ୟ କିଶୋରଚନ୍ଦ୍ର ସାହାଣୀ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାସ,ସମାଜସେବୀ ଅମୀୟ କିଶୋର ଦାସ, ମନୋଜ କୁମାର ମହାନ୍ତି ପ୍ରମୁଖ ହଜାର ହଜାର ଲୋକମାନଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚରମ ଚେତାବନୀ ଦେଇଛନ୍ତି ।

## ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ୩୩ ତମ ବାର୍ଷିକ ଉତ୍ସବ



ବାଣପୁର ୨୬/୧୨ (ନି.ପ୍ର): ମଙ୍ଗଳବାର ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟ ପରିସରରେ ୩୩ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମିଟୁ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବାଣପୁର ପଞ୍ଚାୟତ ସମିତି ଅଧକ୍ଷ ଅମରେନ୍ଦ୍ର ରଣସିଂହ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ପୂର୍ବତନ ସଭାପତି ଡ଼ଃ ସୁରେନ୍ଦ୍ର ନାଥ ପାତ୍ର, ପୁର୍ବତନ ସମ୍ପାଦକ ଜଗନ୍ନାଥ ଭୋଳ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପଧକ୍ଷା ପ୍ରାଚୀ ପ୍ରଭା ସ୍ୱାଇଁ, କାଉନସିଲର ରାସଲତା ଜେନା, ରଞ୍ଜନା ପ୍ରଧାନ, ଅଧ୍ୟାପିକା କଲ୍ୟାଣୀ ବୈରିଗଞ୍ଜନ, ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ ଯୋଗ ଦେଇଥିଲେ।ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ମହା ବିଦ୍ୟାଳୟର ପୁର୍ବତନ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଲକ୍ଷ୍ମୀଧର ଭୋଳ ମରଣତ୍ୱର ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ, ପୁର୍ବତନ ସଭାପତିଡ଼ଃ ସୁରେନ୍ଦ୍ର ନାଥ ପାତ୍ର, ପୁର୍ବତନ ଛାତ୍ରୀ ଓଏସ୍ ଶିବାନୀ ରାଉତ ଓ କ୍ରୀଡ଼ାବିତ୍ କଳ୍ପଶ୍ରୀ ପ୍ରଧାନଙ୍କୁ ମାନପତ୍ର ଉପଢୌକନ ସହ ସମ୍ମାନୀତ କରାଯାଇଥିଲା।

## ତୃତୀୟ ରଜନୀରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ




ଗୁଣୁପୁର ୨୬/୧୨ (ନି.ପ୍ର): ଆଇ ଇ ଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ତିନଦିନ ଧରି ଚାଲିଥିବା ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ 'ସୃଜନ ୩.୦ ଉଦଯାପିତ ହୋଇଯାଇଛି । ସକାଳେ ଏହି ଉଦଯାପନୀ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବିଶେଷ ଅତିଥି ଭାବେ ହାଇଦ୍ରାବାଦସ୍ଥିତ ଜେଲିସ କଂପାନୀର ସିନିୟର୍ ପ୍ରିନ୍ସିପଲ୍ ଅର୍କିଟେକଟର ଟି ବିଦ୍ୟାସାଗର ଓ ମୀରାକଲ୍ ସଫ୍ଟୱେର ର ମ୍ୟାନେଜର ଭି.ମଧୁ ଯୋଗଦେଇ କମ୍ପ୍ୟୁଟର ବିଜ୍ଞାନର ବିଭିନ୍ନ ଭବିଷ୍ୟତର ଆହ୍ୱାନ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଉପଦେଶ ଦେଇଥିଲେ । କଂପୁଟର ସାଇନ୍ସ ବିଭାଗର ଡେପୁଟି ଡିନ ଡ଼ଃ କେ ମୁରଲୀ ଗୋପାଳ ମଞ୍ଚସିନ ଥିଲେ ।ବିଶ୍ୱବିଦ୍ୟାଳୟର ପରୀକ୍ଷା ନିରୀକ୍ଷକ ଡଃ ପି.ବିଜୟ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ନଳିନୀକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାକାଳିନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁଣୁପୁର ଉପ ଜିଲ୍ଲାପାଳ କିରଣ ଦୀପ କୌର ସହୋତା ଯୋଗ ଦେଇ ପ୍ରଦୀପ ପ୍ରଜଳନ କରି ଶୁଭାରମ୍ଭ କରିଥଲେ । ସମ୍ମାନୀୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ତହସିଲଦାର ଲୀଳାବତୀ ଆଚାର୍ଯ୍ୟା ,ବି ଡ଼ି ଓ ଶୁଭ୍ରାଞ୍ଜଳି ପ୍ରଧାନ ,ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ ସତ୍ୟଜିତ ନାୟକ, ଆଇ ଆର ବି ଏନ ଦୂର୍ଗପତି ବ୍ରଜ ମୋହନ ନାୟକ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ଅମୂଲ୍ୟ ଧଳ, ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡଃ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଏନ ଭି ଜେ ରାଓ, ଆବାହକ ବିଭୂ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସଙ୍ଗୀତରେ ଦର୍ଶକମାନେ ବିମୋହିତ ହୋଇଥିବା ଦେଖିବାକୁ ମିଳିଥିଲା । ପରିଶେଷରେ ମଣ୍ଟୁ ଛୁରିଆଙ୍କୁ ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା,ମହା ନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା , ରେଜିଷ୍ଟ୍ରାର ଡ଼ଃ ଏନ ଭି ଜଗନ୍ନାଧା ରାଓ , ପ୍ରମୁଖ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଡିନ ପ୍ରଫେସର, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ମାନଙ୍କ ସହ ଅଞ୍ଚଳବାସିଙ୍କ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

## ଉଜୁଡ଼ିଲା ସୁନାର ଫସଲ ସହାୟତାକୁ ଅପେକ୍ଷା

କଣାସ ୨୬/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ସୁନାର ଫସଲ ଉଜୁଡି ଯାଇଥିବା ବେଳେ ପୁଣି ଏକ ଲଘୁଚାପକୁ ଦେଖି ଚାଷୀ ଆତଙ୍କିତ ହୋଇପଡିଛି ।ସେପଟେ ଉଜୁଡ଼ା ଫସଲକୁ ଦେଖି ଚାଷୀ ସର୍ବାସାନ୍ତ ହୋଇପଡ଼ିଥିବା ବେଳେ ଏବେ ଅପେକ୍ଷା କରିଛି ସରକାରୀ ସହାୟତାକୁ ।ବ୍ଲକର ୨୮ ପଞ୍ଚାୟତ ମଧ୍ୟରୁ ଦୋକନ୍ଦା,ଦିବ୍ୟସିଂହପୁର,ବକୁ, ଦେଇପୁର, ଗଡ଼ଖାରଦ, ତ୍ରିଲୋଚନପୁର, ସାହୁପଡା ଭଳି କେତେକ ପଞ୍ଚାୟତରେ ଖରିପ ଧାନ ଫସଲ ଜମିରେ ଅମଳ ହେବା ସେ ସବୁ ପାଣିରେ ବୁଡି ନଷ୍ଟ ହୋଇଯାଇଛି ।ସେହିପରି ଗଡ଼ବଡପୁଟ, ଗଡ଼ସାନପୁଟ,ପାଣ୍ଡିଆକେରା ଭଳି କେତେକ ପଞ୍ଚାୟତରେ ଅର୍ଥକାରୀ ଫସଲ ଚୀନା ବାଦାମ ଛୋଟ ଛୋଟ ଗଛ ହୋଇଥିବାରୁ ଏବେବି ପାଣିରେ ବୁଡି ରହି ସଢୁଛି ଚାଷୀ ଅଭିଯୋଗ କରିଛନ୍ତି ।ଯାହା ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି ।ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀ ମୁହଁରୁ ବର୍ଷଯାକର ଆହର ଛଡାଇ ନେଇଛି ।ଏଭଳି ସ୍ଥିତିରେ ଚାଷୀ କିଭଳି ତାର ପରିବାର ପ୍ରତିପୋଷଣ କରିବ ଓ ଧାର କରଜ ସୁଝିବ ସେ ଚିନ୍ତା ଘାରିଛି ଚାଷୀ କୂଳକୁ ।ସରକାର ତୁରନ୍ତ କ୍ଷୟ କ୍ଷତି ଆକଳନ କରି ସହାୟତା ଯୋଗାଇ ଦେବା ପାଇଁ ଦୋକନ୍ଦା ସମିତିସଭ୍ୟା ପ୍ରତିନିଧି ରାଜେଶ ହରିଚନ୍ଦନ , ୱାର୍ଡ଼ସଭ୍ୟ ରଘୁନାଥ ଛୋଟରାୟ, ସଂଜିତ୍ ରାୟ ,ରାଧାଶ୍ୟାମ ବିଶ୍ୱାଳ ଓ କୃଷକ ନେତା ଗୁଣନିଧିପାତ୍ର ପ୍ରମୁଖ ଦାବୀ କରିଛନ୍ତି ।



## ମା ଗୃହରେ ଅସୁରକ୍ଷିତ ଗର୍ଭବତୀ ମହିଳାମାନେ ଖବର ପ୍ରସାରଣ ପରେ ତଦନ୍ତ ଆରମ୍ଭ

ନବରଙ୍ଗପୁର ୨୬/୧୨ (ନି.ପ୍ର): ଅଣ୍ଡା ବଦଳରେ ଆମ୍ବିଳିଆ ଦିଆଯିବା ଖବର ପ୍ରସାରଣର ୩ ଦିନ ପରେ ଜିଲ୍ଲା ସ୍ତରୀୟ ତଦନ୍ତ ଆରମ୍ଭ ହେଲା। ସୂଚନାଯୋଗ୍ୟ :- ଡାବୁଗାଁ ରାଜ୍ୟ ରାଜପଥ କୃଷି କାର୍ଯ୍ୟାଳୟ ନିକଟରେ ଥିବା ମା ଗୃହ ବହୁତ ଅସ୍ୱାସ୍ଥ୍ୟକର ଓ ଖାଦ୍ୟ ସୂଚୀ ଅନୁଯାୟୀ ଗର୍ଭବତୀ ମହିଳାମାନଙ୍କୁ ମିଳୁନି ପୃଷ୍ଟିକର ଖାଦ୍ୟ। ଏପରିକି ଗର୍ଭବତୀ ମହିଳା ମାନେ ଅପରିଷ୍କାର ପରିବେଶରେ ରହୁଥିବା ସୂଚନା ବାରମ୍ବାର ଖବର ପ୍ରସାରଣ ହେଉଥିଲେ ସୁଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତଦନ୍ତ ଆରମ୍ଭ ହେଲା। ତଦନ୍ତ କରିବାକୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପଣ୍ଡା, ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଡାକ୍ତର ସୁଭାଶିଷ ସାହୁ ଏବଂ ତାଙ୍କ ସହଯୋଗୀ ମାନେ ଯାଇ ଖାତା ପାତ୍ର ଯାଞ୍ଚ କଲେ, କର୍ମଚାରୀ ମାନଂକୁ ପଚାରିଲେ। ଞ'ସୂଚନା ଥାଉ କି ଚର କେବେବି କହିବ ନାହିଁ ମୁ ଚରି କରିଛି ବୋଲି'ଞ। କିନ୍ତୁ ଯଦି ମା ଗୃହରେ ସବୁ ଠିକ ଠାକ ଚଳିଥାନ୍ତା ତେବେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇ ନଥାନ୍ତା ବୋଲି ସ୍ଥାନୀୟ ଅଂଚଳରେ ଆଲଚନା ହେଉଛି। ଏହା ସହ ଯେଉଁ ମା ମାନେ ସେଠାରେ ରହୁଛନ୍ତି ସେମାନେ ଅଣ୍ଡା ବଦଳରେ ଅମଟ ଦିଅ ହେବା ବିଷୟରେ ନିଜ ସମ୍ପର୍କୀୟ ମାନଙ୍କୁ କହି ନଥାନ୍ତେ। ଯଦି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅଚାନକ ଗ୍ରସ୍ତ କରି ମା ଘର ପରିଦର୍ଶନ କରିଥିଲେ ସମ୍ପୂର୍ଣ୍ଣ ସତ୍ୟତା ଜଣାପଡିଥାନ୍ତା ବୋଲି ସ୍ଥାନେ ସ୍ଥାନେ ଆଲୋଚନା ହେଉଛି।

## ବେଲଗୁଣ୍ଠାରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବେଲଗୁଣ୍ଠା ପ୍ରେସକ୍ଲବ ତରଫରୁ ସ୍ୱାଗତ

ବେଲଗୁଣ୍ଠା ୨୬/୧୨ (ନି.ପ୍ର): ବେଲଗୁଣ୍ଠା ବ୍ଲକ୍ ରେ କାର୍ଯ୍ୟରତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ ଏକ ଦୀର୍ଘ କାଳୀନ ଛୁଟି ନେବାପରେ ଏଠାରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର୍ ଭାବେ କାର୍ଯ୍ୟରତ ଅମିତ୍ ରଞ୍ଜନ ହୋତା ବେଲଗୁଣ୍ଠା ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ଶ୍ରୀ ହୋତାଙ୍କୁ ବେଲଗୁଣ୍ଠା ପ୍ରେସକ୍ଲବ ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି । ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ନେତୃତ୍ୱରେ କୋଷାଧକ୍ଷ ବିଭୂପାଦ ଜେନା, ସଦସ୍ୟ ସଦାଶିବ ପାଣିଗ୍ରାହୀ, ନାରାୟଣ ପଣ୍ଡା, ଶିବରାମ ଚୌଧୂରୀ ପ୍ରମୁଖ ବ୍ଲକ୍ କାର୍ଯ୍ୟାଳୟରେ ନୂତନ ବିଡ଼ିଓ ଶ୍ରୀ ହୋତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।ଏହି ଅବସରରେ ବିଭିନ୍ନ ପଂଚାୟତରୁ ଆସିଥିବା ସରପଞ୍ଚ ଏବଂ ସମିତିସଭ୍ୟମାନେ ମଧ୍ୟ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଓ ବେଣୀପଲ୍ଲୀ ସରପଞ୍ଚ ଦୂର୍ଗାମାଧବ ନାୟକ,ନାଟଙ୍ଗା ସରପଞ୍ଚ ସୁପ୍ରଭା ଗୌଡ଼,ଜିଲ୍ଲା ପରିଷଦ ପ୍ରତିନିଧି ଚନ୍ଦ୍ର ଶେଖର ନାୟକ, ସମିତି ସଭ୍ୟ ବିଭୂପାଦ ଜେନା, ସୁଧାଂଶୁ ଶେଖର ପୋଲାଇ, ରାଜୀବ ଲୋଚନ ନାଇକ, ମମତା ଭୋଳ, ପିନାକୀନି ବିଷୋୟୀ, ପୂର୍ବତନ ସରପଞ୍ଚ , ସୀମାଞ୍ଚଳ ବିଷୋୟୀ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଗୌଡ଼ ଙ୍କ ସମେତ ବହୁ ଜନ ପ୍ରତିନିଧି ବିଡିଓ ଶ୍ରୀ ହୋତାଙ୍କୁ ସ୍ୱାଗତ କରିଥିଲେ ଓ ଆଗାମୀ ଦିନରେ ବ୍ଲକ୍ ର ଉନ୍ନୟନ କାର୍ଯ୍ୟର ପ୍ରଗତି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

## ପୂର୍ବତନ ସରପଂଚ କେଲୁ ଭାଇଙ୍କ ବିୟୋଗ; ବିଭିନ୍ନ ମହଲରେ ଶୋକ

ନିଶ୍ଚିନ୍ତକୋଇଲି,୨୬/୧୨ (ନି.ପ୍ର): କେନ୍ଦୁପାଟଣା ପ□ାୟତର ବିଜେଡ଼ି ସଭାପତି ତଥା ପୂର୍ବତନ ସରପ□ କେଲୁଚରଣ ସାହୁ ଙ୍କ ତାଙ୍କ ନଟରା ଗ୍ରାମ ବାସଭବନରେ ପରଲୋକ ହୋଇଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ ମଧ୍ୟ ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ହୋଇଥିଲା । ସ୍ୱର୍ଗତ ସାହୁ ସମାଜସେବୀ ଭାବେ ପଂଚାୟତରେ ଘରେ ଘରେ ପରିଚିତ ହୋଇଥିବା ବେଳେ ତାଙ୍କ ମୃତ୍ୟୁରେ ସାରା ପ□ାୟତରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ,ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା,ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି,ବିଜେଡ଼ି ନେତା ବିବେକାନନ୍ଦ ବେହେରା, ସରପଂଚ ପ୍ରଗତିପ୍ରଭା ମହାନ୍ତି, ସମିତିସଭ୍ୟା ଭାରତୀ ରାଉତ, ୨୫ନଂ ଜିଲ୍ଲାପରିଷଦ ସଭ୍ୟ ଇଂ.ବିଳାସ ଭୋଇ, ୨୪ନଂ ଜିଲ୍ଲାପରିଷଦ ବିପ୍ଳବକିଶୋର କାପ,ନିରଞ୍ଜନ ଭୂୟାଁ,ଯତିନ୍ଦ୍ରନାଥ ଜେନା, କାଳୀପ୍ରସନ୍ନ ନାୟକ, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ସୁରେଶ ସ୍ୱାଇଁ,କେନ୍ଦ୍ରାପଡ଼ା ସାଂସଦଙ୍କ ବ୍ଲକ ପ୍ରତିନିଧି ମଳୟ ଘଡ଼ାଇ,ବିକାଶ ସ୍ୱାଇଁ , ପ୍ରସନ୍ନ କୁମାର ମହାପାତ୍ର, ପୂର୍ବତନ ସରପଂଚ ପ୍ରଦିପ୍ତ ରାଉତ ଙ୍କ ସମେତ ବହୁ ବ୍ଲକ ସ୍ତରୀୟ ବିଜେଡ଼ି ନେତୃବୃନ୍ଦ ଓ ପ□ାୟତ ନେତୃମଣ୍ଡଳୀ ବାସଭବନୀରେ ପହ□ ଶେଷ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏକ ଶୋଭାଯାତ୍ରାରେ ମର ଶରୀରକୁ ନିଆଯାଇ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ମନୋରଂଜନ ସାହୁ ମୁଖାଗ୍ନି ଦେଇଥିଲେ ।

## ଦୁର୍ଘଟଣା ଗ୍ରସ୍ତ କଂଗ୍ରେସ କର୍ମୀଙ୍କୁ ଭେଟିଲେ ମାହାଙ୍ଗା କଂଗ୍ରେସ ନେତା

ମାହାଙ୍ଗା,୨୬/୧୨ (ନି.ପ୍ର):ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଦ୍ରେଶ୍ୱର ଗ୍ରାମପ□ାୟତର ଝାଡ଼େଶ୍ୱରପୁର ଗ୍ରାମର କଂଗ୍ରେସ କର୍ମୀ ପ୍ରକାଶ ମହାନ୍ତିଙ୍କ ଦୁର୍ଘଟଣା ଜନିତ ଆହତ ଖବର ପାଇ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ଆହତ କଂଗ୍ରେସ କର୍ମୀଙ୍କୁ ତାଙ୍କ ଝାଡ଼େଶ୍ୱରପୁର ସ୍ଥିତ ବାସଭବନରେ ଭେଟି ତାଙ୍କର ଶାରୀରିକ ଅସୁସ୍ଥତା ବିଷୟରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ । ଶ୍ରୀଯୁକ୍ତ ସାହୁଙ୍କ ସମେତ ପଦ୍ମଚରଣ ପଣ୍ଡା, ରାଜକିଶୋର ପ୍ରହରାଜ, ସାଜଦ୍ ଖାଁ, ସେକ୍ ଜୈନୁଲ ,ଉମାକାନ୍ତ ପ୍ରହରାଜ, ଅଶୋକ ସ୍ୱାଇଁ ,ଉ□ମ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବରପାଲି ସାମ୍ବାଦିକ ସଂଘ ପକ୍ଷରୁ ରମେଶ ମେହେର ସମ୍ବର୍ଦ୍ଧିତ



ବରପାଲି ୨୬/୧୨ (ନି.ପ୍ର): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ୩୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭେଡେନ ବ୍ଲକ କେଶରୀପାଲି ର ଟୁଇଟର ବୟ ଭାବରେ ପରିଚିତ ରମେଶ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରମେଶ ବର୍ତ୍ତମାନ ପର୍ଯ୍ୟନ୍ତ ୫୧୩୮ ସମସ୍ୟା କୁ ଟୁଇଟର ଆପ କୁ ବ୍ୟବହାର କରି ସମାଧାନ କରିପାରିଛନ୍ତି। ଏହି ସମ୍ମାନ ପାଇଥିବାରୁ ରମେଶ ସାମ୍ବାଦିକ ସଂଘ କୁ ଧନ୍ୟବାଦ ଜଣାଇଛନ୍ତି ଓ ଆଗକୁ ଅଧିକ ପ୍ରେରଣା ଯୋଗାଇ ଦେବ ବୋଲି କୁହନ୍ତି।


# ଗଞ୍ଜେଇ ଚାଲାଣ ମାମଲାରେ ପୂର୍ବତନ ବ୍ଲକ ଉପାଧକ୍ଷ ନିର୍ଦୋଷରେ ଖଲାସ

ବୋରିଗୁମ୍ମା, ୨୬/୧୨ (ନି.ପ୍ର): ବୋରିଗୁମ୍ମା ବ୍ଲକ ର ପୂର୍ବତନ ଉପାଧକ୍ଷ ତଥା ବରିଷ୍ଠ ବିଜେପି କର୍ମକର୍ତ୍ତା ଜେ. ଶ୍ରୀନିବାସ ରାଓ ଙ୍କୁ ଗଞ୍ଜେଇ ଚାଲାଣ ମାମଲାରେ କୋରାପୁଟ ଏଡିଜେ କୋର୍ଟ ବିଚାରପତି ଦୀପକ କୁମାର ସାହୁ ସାକ୍ଷୀ ପ୍ରମାଣ ଅଭାବ ରୁ ନିର୍ଦୋଷ ରେ ଖଲାସ କରିଛନ୍ତି ।କୋର୍ଟ ଙ୍କ ରାୟ ପ୍ରକାଶ ପାଇବା ପରେ ବିଜେପି କର୍ମୀ ମାନଙ୍କ ମଧ୍ୟରେ ଖୁସି ର ଲହରୀ ଖେଳିଯାଇଛି ।ପ୍ରକାଶ ଥାଉକି ଗତ ୩୦.୦୯.୨୦୧୮ ରେ ମାଛକୁଣ୍ଡ ଥାନା ଏକ ଗଞ୍ଜେଇ ଚାଲାଣ ମାମଲାରେ ପୂର୍ବତନ ବ୍ଲକ ଉପାଧକ୍ଷ ଜେ. ଶ୍ରୀନିବାସ ରାଓ ଙ୍କ ସମେତ ଅନ୍ୟ ଦୁଇ ଜଣ ମାଛକୁଣ୍ଡ ଅଞ୍ଚଳ ର ଭକତରାମ ଚାଙ୍ଗୁଡ଼ିଆ ଓ କୋଟପାଡ଼ ମହମ୍ମଦ ଇକବଲ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।ଦୀର୍ଘ ଛଅ ବର୍ଷ ଧରି କୋରାପୁଟ ଏଡିଜେ କୋର୍ଟରେ ମାମଲା ଚାଲିଥିଲା ।ଦୀର୍ଘ ଛଅ ବର୍ଷ ଧରି ସାକ୍ଷୀ ମାନେ କୋର୍ଟ ରେ ନିଜ ମତ ରଖିଥିଲେ ।ଶେଷରେ ଏଡିଜେ କୋର୍ଟ ଜେ. ଶ୍ରୀନିବାସ ରାଓ ଙ୍କ ସହ ଅନ୍ୟ ଦୁଇ ଜଣଙ୍କୁ ସାକ୍ଷୀ ପ୍ରମାଣ ଅଭାବ ରୁ ନିର୍ଦୋଷ ରେ ଖଲାସ କରିଥିଲେ ।ଗତ ୨୦୧୭ ରେ ଜେ. ଶ୍ରୀନିବାସ ରାଓ ବୋରିଗୁମ୍ମା ବ୍ଲକ ର ଉପାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ ।ରାଜନୈତିକ ଶତ୍ରୁତା ରଖି ତତ୍କାଳୀନ ବିଜେଡି ସରକାରତାଙ୍କୁ ମିଛ ଗଞ୍ଜେଇ ମାମଲା ରେ ଫସାଇ ଥିଲା ବୋଲି ଜେ. ଶ୍ରୀନିବାସ ରାଓ କହିଛନ୍ତି ।ଏଠି ଧର୍ମ ର ବିଜୟ ହୋଇଛି ବୋଲି ନିର୍ଦୋଷ ରେ ଖଲାସ ହେବା ଜେ. ଶ୍ରୀନିବାସ ରାଓ କହିଛନ୍ତି ।ଜେ. ଶ୍ରୀନିବାସ ଙ୍କ ପକ୍ଷରୁ ଆଇନଜୀବୀ ସୁନିଲ କୁମାର ଜେନା ମାମଲା ପରିଚାଳନା କରିଥିଲେ ।

# ସରିଲା ଏନଆଇଏନଏଲ ସଂପ୍ରସାରଣ ପାଇଁ ଜନଶୁଣାଣି

## ବିରୋଧରେ ଅଧିକ ମତ ରଖିଲେ ସ୍ଥାନୀୟ ଅଧିବାସୀ

କଳିଙ୍ଗନଗର, ୨୬/୧୨ (ନି.ପ୍ର): ଯାଜପୁର ଜିଲ୍ଲା ରେ ଥିବା ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ପ୍ରତିଷ୍ଠା କରିବା ପାଇଁ ୧୯୮୨ ମସିହାରେ ଗଢି ଉଠିଥିଲା। ସରକାରୀ କାରଖାନା ଯୋଗୁଁ କୌଣସି କାରଣରୁ କାରଖାନା ଟି ବହୁ ଅସୁବିଧା କୁ ସାମ୍ନା କରିବା ସହିତ ଦେବାଳିଆ ସ୍ଥିତିରେ ପହଞ୍ଚିଯାଇଥିବା ବେଳେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ୨୦୧୯ ଫେବୃଆରୀ ୬ରେ ଏନ୍. ଆଇ.ଏନ୍.ଏଲ୍. ର କର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୩, ୨୦୨୧ ? ରେ, ଭାରତ ସରକାରଙ୍କ ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପରିଚାଳନା ବିଭାଗ( ଡିଆଇପିଏ ଏମ ) ବିଭିନ୍ନ ସରକାରୀ ଉପକ୍ରମ ଦ୍ୱାରା ପରିଚାଳିତ ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ୍ ରେ ଇକ୍ୱିଟି ଅଂଶଧନ ରଣନୈତିକ ପୁଞ୍ଜି ପ୍ରତ୍ୟାହାର ପାଇଁ ଏକ ପ୍ରସ୍ତାବ ଜାରି ? କରିଥିଲା। ଏହି ପ୍ରକ୍ରିୟା ଅଧୀନରେ ଡି. ଆଇ. ପି. ଏ. ଏମ୍. ଦ୍ୱାରା ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ସଫଳ ନିବେଶକ ଭାବେ ଘୋଷିତ ହୋଇଥିଲା। ଅଂଶଧାରୀ ଏବଂ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ମଧ୍ୟରେ ମାର୍ଚ୍ଚ ୧୦, ୨୦୨୨ ରେ ଅଂଶ ବା ସେୟାର ବିକ୍ରୟ ଏବଂ କ୍ରୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ?



ଲିମିଟେଡ୍ ଦ୍ୱାରା ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ୍ ର ଅଧ ?ଗ୍ରହଣ ଜୁଲାଇ ୪,୨୦୨୨ ରେ ସମାପ୍ତ ହୋଇଥିଲା । ବର୍ତ୍ତମାନର ପ୍ଲାଣ୍ଟକୁ ୦୧.୦୮.୧୯୯୬ ରେ ପିଗ୍ ଆଇରନ୍( ୦.୪୩୧ ଏମ୍ଟିପିଏ), ଷ୍ଟିଲ୍ ? ବିଲେଟ୍ (୦.୫୫ ଏମ୍ଟିପିଏ) ଏବଂ କ୍ୟାପ୍ଟିଭ୍ ପାଓ୍ୱାର ପ୍ଲାଣ୍ଟ (୫୫ ମେଗାୱାଟ୍ ) ଉତ୍ପାଦନ ପାଇଁ ଇ.ସି. ମଞ୍ଜୁର କରାଯାଇଥିଲା; ବର୍ତ୍ତମାନର ପ୍ଲାଣ୍ଟକୁ ୦୧.୦୮.୧୯୯୬ ରେ ପିଗ୍ ଆଇରନ୍( ୦.୪୩୧ ଏମ୍ଟିପିଏ), ଷ୍ଟିଲ୍ ? ବିଲେଟ୍ (୦.୫୫ ଏମ୍ଟିପିଏ) ଏବଂ କ୍ୟାପ୍ଟିଭ୍ ପାଓ୍ୱାର ପ୍ଲାଣ୍ଟ (୫୫ ମେଗାୱାଟ୍ ) ଉତ୍ପାଦନ ପାଇଁ ଇ.ସି. ମଞ୍ଜୁର କରାଯାଇଥିଲା; କଳିଙ୍ଗନଗର ସ୍ଥିତ ନିଜସ୍ୱ ପରିସରରେ ନିଜର ଅଶୋଧ ଇସ୍ପାତ୍ ଉତ୍ପାଦନ କ୍ଷମତାକୁ ୦.୯୮୧ଏମ୍ଟିପିଏରୁ ୯.୫ ଏମ୍ଟିପିଏ କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖି ଆଜି ତାହାର ପରିବେଶ ମଞ୍ଜୁରୀ ଜନଶୁଣାଣୀ ଆହୋଜିତ ହୋଇଥିଲା ।ଆଜିର ଜନଶୁଣାଣିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ଶ୍ରୀ ସପନ କୁମାର ନନ୍ଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା, ଯାଜପୁର ଆଂଚଳିକ ଅଧିକାରୀ, ଶ୍ରୀ ମଦନ ମୋହନ ସାହୁ, ସମସ୍ତ ଜନପ୍ରତିନିଧି, ବୁଦ୍ଧିଜୀବୀ, ସ୍ଥାନୀୟ ଅଧିବାସୀମାନେ ସାମିଲ ହୋଇଥିଲେ। ଏନଆଇଏନଏଲ ସିଏଫଓ ସଂଜୀବ କୁମାର ଘୋଷ ଜନଶୁଣାଣି ଆରମ୍ଭରୁ କାରଖାନା ସଂପ୍ରସାରଣ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକଙ୍କ ମତାମତ ଶୁଣିବା ପରେ ଏନଆଇଏନଏଲ ଏମଡି ତଥା ସିଇଓ ସୁଧୀର କୁମାର ମେହେଟା ତାଙ୍କ ମନ୍ତବ୍ୟ ରଖିଥିଲେ। ଆଜି ମୋଟ ୨୨୫ ଜଣ ମତପ୍ରକାଶ କରିଥିବା ବେଳେ ପାଖାପାଖି ୭୦ରୁ ୮୦% ଲୋକ କାରଖାନା ବିରୁଦ୍ଧରେ ଜନଶୁଣାଣୀ କୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ଏହି ଜନଶୁଣାଣୀ ଚାଲୁଥିବା ବେଳେ ଲୋକମାନେ ବିରୋଧ କରି ଚେୟାର ଫିଙ୍ଗିବା ଭଳି ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ଆଜି ର ଜନଶୁଣାଣୀ କୁ ସଫଳ କରିବା ପାଇଁ ଟାଟା ଷ୍ଟିଲ ତଥା ନୀଳାଚଳ ଇସ୍ପାତ ନିଗମ ତାହାର ସମସ୍ତ ଯୋର ଲଗାଇ ଦେଇଥିବା ପରି ପରିଲକ୍ଷିତ ହେଉଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସମ୍ପୂର୍ଣ୍ଣ ଯାଜପୁର ଜିଲ୍ଲା ପୋଲିସ ଆଜି କଳିଙ୍ଗନଗର ରେ ଥିବା ଜେସିଡିଏଲ ରେ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ଆଜିର ଜନଶୁଣାଣୀ ମତକୁ ଯଦି ତର୍ଜମା କରାଯାଏ ତେବେ ଆଜିର ଜନଶୁଣାଣୀ କାରଖାନା ବିରୁଦ୍ଧରେ ବା ବିଫଳ ହୋଇଛି ବୋଲି ଧରାଯିବ ମାତ୍ର ଜନଶୁଣାଣୀ ହୋଇଥିବା ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ଆଗକୁ ଆଭ୍ୟନ୍ତରୀଣ ପ୍ଲାଂଟ ସମ୍ପ୍ରସାରଣ ପାଇଁ କୌଣସି ଅତିରିକ୍ତ ଜମିର ଆବଶ୍ୟକତା ନାହିଁ । ଆଗାମୀ କିଛି ବର୍ଷ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହି ସମ୍ପ୍ରସାରଣ କରାଯିବ। ଏଥିରେ କଂଚାମାଲ ପରିଚାଳନା, କୋକ ପ୍ଲାଂଟ, ସିଂଟର ପ୍ଲାଂଟ, ବ୍ଲାଷ୍ଟ ଫର୍ଣ୍ଣେସ, ଷ୍ଟିଲ ମେଲଟିଂ ସପ ଏବଂ ରିବାର ଓ ଓ୍ୱାର ରଡ୍ ମିଲ୍ ଆଦି ରହିବ। ବୋଲି ନୀଳାଚଳ କାରଖାନା ତରଫରୁ ସୂଚନା ମିଳିଛି। ଆଗକୁ ଦେଖିବାକୁ ବାକି ରହିଲା କି କଳିଙ୍ଗନଗର ରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ରେ ବିଫଳ ଟାଟା ଷ୍ଟିଲ କୁ ରାଜ୍ୟ ଓ କେନ୍ଦ୍ର ପରିବେଶ ପ୍ରଦୂଷଣ ମଞ୍ଜୁରୀ କୁ ବିଫଳ ହେବା ପରେ ମଧ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଓମଭେଲି ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଆରମ୍ଭ




ଟିଟିଲାଗଡ଼,୨୬/୧୨ (ନି.ପ୍ର): ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓମଭେଲି ବିଦ୍ୟାଳୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଘେରା ମୁକ୍ତ ଆକାଶର ସୁରମ୍ୟ ସବୁଜିମା କ୍ରୀଡାଙ୍ଗନରେ ଅପୂର୍ବ ହର୍ଷୋଲ୍ଲାସରେ ଶୁଭାରମ୍ଭ ହୋଇଛି ବାର୍ଷିକ କ୍ରୀଡା ମହୋତ୍ସବ । ପ୍ରତିଯୋଗୀମାନଙ୍କ ମନରେ ପ୍ରବଳ ଉତ୍କଣ୍ଠା ସୃଷ୍ଟି କରି ଆରମ୍ଭ ହୋଇଛି ଦ୍ୱିଦିବସୀୟ ବାର୍ଷିକ କ୍ରୀଡାର । କୁନି କୁନି ଧାବକମାନଙ୍କ ସରଳରୈଖିକ ଦୌଡ଼, ଚଳଚଞ୍ଚଳ ବିଦ୍ୟାର୍ଥୀଙ୍କ ଅଫୁରନ୍ତ ଆଗ୍ରହ ଏବଂ ସର୍ବୋତ୍କୃଷ୍ଟ ପ୍ରଦର୍ଶନର ଦୃଢ଼ ସଂକଳ୍ପବଦ୍ଧତା ସତେ ଯେପରି ଖେଳପଡିଆକୁ ଜୀବନ୍ୟାସ ଦେଇଛି ।

ଆଜିର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଶ୍ରୀଯୁକ୍ତ ସନ୍ତୋଷ ମହାନ୍ତି, ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ଟିଟିଲାଗଡ଼ ଉପଖଣ୍ଡ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ସନ୍ଦୀପ ଚନ୍ଦ୍ରାକର, ପୂର୍ବତନ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ମେଜର ଶ୍ରୀଯୁକ୍ତ ବୃନ୍ଦାବନ ଚନ୍ଦ୍ର ଷଡଙ୍ଗୀ, ଓମଭେଲି ବିଦ୍ୟାଳୟର ସଂସ୍ଥାପକ , ସଭାପତି ଲାୟନ ଦୀପକ କୁମାର ସାହୁ, ପରିଚାଳନା ସମିତି ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ପ୍ରଦୀପ ମହାନ୍ତି,ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ମହେଶ୍ୱର ପ୍ରସାଦ ମିଶ୍ର ଏବଂ ମୁଖ୍ୟ ଉପଦେଷ୍ଟା ଡଃ ରବିନ ଚନ୍ଦ୍ର ପରମାଣିକ । ଦୀପ ପ୍ରଜ୍ୱଳନ ଏବଂ ଧ୍ୱଜା ଆରୋହଣ ପୂର୍ବକ ସମ୍ମାନନୀୟ ଅତିଥିଗଣ ବାର୍ଷିକ କ୍ରୀଡାର ଶୁଭ ଉଦ୍ଘାଟନ କରିଥିଲେ । ପ୍ରତିଯୋଗୀମାନଙ୍କ ଦ୍ୱାରା ମଶାଲ ପ୍ରବେଶ,ପରେଡ ପ୍ରଦର୍ଶନ ପରେ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । କ୍ରୀଡାର ନିୟମ ଏବଂ ଖେଳୁଆଳ ମନୋଭାବ ସମ୍ପର୍କରେ ଅତିଥିମାନେ ମତ ପ୍ରଦାନ କରିଥିଲେ । ପ୍ରତିଯୋଗୀମାନଙ୍କଦ୍ୱାରା ଶପଥଗ୍ରହଣ ପରେ ବିଧିବଦ୍ଧ ଭାବରେ କ୍ରୀଡା ସମାରୋହର ଶୁଭାରମ୍ଭ ହୋଇଥିଲା । ଶିକ୍ଷକ, ଶିକ୍ଷୟିତ୍ରୀ , ସମସ୍ତ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ କ୍ରୀଡା ଉତ୍ସବଟି ଆରମ୍ଭ ହୋଇଯାଇଛି ।

# ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

## ଯୋଗଦେଲେ ବିଧାୟକ ପ୍ରତାପ ନାୟକ

ବେଗୁନିଆପଡା,୨୬/୧୨ (ନି.ପ୍ର): ବେଗୁନିଆପଡା ବ୍ଲକ,ଜନତା ବିହାର ସ୍ଥିତ ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କ୍ରୀଡା ପରିଷଦ ଆନୁକୂଲ୍ୟରେ ଅଧକ୍ଷ ଅଭିମନ୍ୟୁ ସ୍ୱାଇଁଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଥମ ବର୍ଷର ଛାତ୍ର ବାସୁଦେବ ମହାନ୍ତି ସଂଗୀତ ଗାନ କରିଥିଲେ । ମୁଖ୍ୟ ଅତିଥି ରୂପେ କବିସୂର୍ଯ୍ୟନଗର ମାନ୍ୟବର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇ ଅନୁଷ୍ଠାନ ଭବିଷ୍ୟତର ବିକାଶ ଏବଂ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ । ଏହା ସହ ଉକ୍ତ ମହାବିଦ୍ୟାଳୟର ପ୍ରମୁଖ ସମସ୍ୟା ଉପରେ ଆଲୋକପାତ କରିବା ସହିତ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ ଶ୍ରୀ ନାୟକ । ଖେଳ ଶିକ୍ଷକ ଶ୍ରୀ ଋଷିନାଥ ଚର୍ଚ୍ଚି ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପକ ଶ୍ରୀ ସୂର୍ଯ୍ୟ ନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ସେହିପରି ୧୦୦ ଏବଂ ୨୦୦ ମିଟର ଦୌଡ, ଲମ୍ବା ଏବଂ ଉଚ ଡ଼ିଆଁ, ପୁଟି,ଦୌଡ଼ି ଡ଼ିଆଁ, ଚେସ, କ୍ୟାରମ, ଜାଭାଲିନ, ଶର୍ଟପୁଟ, ଡ଼ିସକସ, କବାଡି ତଥା ବିଭିନ୍ନ



ସାହିତ୍ୟିକ ପ୍ରତିଯୋଗିତା ଯଥା- ବକ୍ତୃତା, ପ୍ରବନ୍ଧ, ଗୀତ, ନୃତ୍ୟ, ରୋଷେଇ, ଇତ୍ୟାଦି ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ବିଧାୟକ ମାନପତ୍ର ଏବଂ ପୁରସ୍କାର ଦ୍ୱାରା ସମ୍ମାନିତ କରିଥିଲେ ।

# ଫୁଲବାଣୀରେ ବିଯୁଜନତା ଦଳର ୨୮ ଉମ ପ୍ରତିଷ୍ଠା ଦିବସ ପାଳିତ

ଫୁଲବାଣୀ ତା,୨୬/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଫୁଲବାଣୀ ନିର୍ବାଚନ ମଣ୍ଡଳୀ ବା ଫୁଲବାଣୀ ବିଜୁପଟନାୟକ କଲ୍ୟାଣ ମଣ୍ଡପରେ ଆଜି ବିଯୁଜନତା ଦଳର ୨୮ ଉମ ପ୍ରତିଷ୍ଠା ଦିବସ ପୋ ?ରାଧକ୍ଷା ଶ୍ରୀମତୀ ପାୟେଲ ବେହେରାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାର ବରପୁତ୍ର ତଥା ବରିଷ୍ଠ ବିଜେଡି ନେତା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ବିଷ୍ଣୁପ୍ରିୟା ବେହେରା, ପୂର୍ବତନ ବିଧାୟକ ଡୁଗୁନି କହଁର,ପୂର୍ବତନ ବିଧାୟକ ଅଙ୍ଗଦ କହଁର,ଜିଲ୍ଲା ଯୁବବିଯୁଜନତା ଦଳର ସଭାପତି ବିଷ୍ଣୁ ଚରଣ ମଳିକ, ଛାତ୍ରଜିଲ୍ଲା ସଭପତି ସୁନୀଲ ସେଠି, ପୂର୍ବତନ ଚେୟାରମ୍ୟାନ ବୀରେନ୍ଦ୍ର କହଁର, ପୂର୍ବତନ ମହିଳା ଜିଲ୍ଲା ସଭାନେତ୍ରୀ ତଥା ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ସୁଶ୍ରୀ ପୁନମ କହଁର, ବରିଷ୍ଠ ଆଇନଜୀବୀ ତଥା ସମାଜ ସେବି ସତ୍ୟନାରାୟଣ ବେହେରା, କୈଳାସ ମୁଖି, ବ୍ଲକ ଅଧକ୍ଷା, ସରପଞ୍ଚ, ସମିତି ସଭ୍ୟ, ଏବଂ ଜିଲ୍ଲାପରିଷଦ ସଦସ୍ୟା ଶ୍ରୀମତୀ ଜୟଶ୍ରୀ କହଁର, ଚକାପାଡ ବ୍ଲକ ସଭାପତି ଶ୍ରୀ ରାଜେଶ କୁମାର ଡିଗାଲ , ଫିରିଙ୍ଗିଆ ବ୍ଲକ ସଭାପତି ଶ୍ରୀ ରଜନୀକାନ୍ତ ମଳିକ, ଫୁଲବାଣୀ ବ୍ଲକ ସଭାପତି ବାଳକୃଷ୍ଣ ସାହୁ,ଖଜୁରୀପଡା ବ୍ଲକ ସଭାପତି ଶ୍ରୀ ପଙ୍କଜ ମଳିକ, ଫିରିଙ୍ଗିଆ ବ୍ଲକ ଅଧକ୍ଷା ଶ୍ରୀମତୀ ନମିତା ମଳିକ, ଫୁଲବାଣୀ ମହିଳା ନଗର ସଭାପତି ଶ୍ରୀମତୀ ଲଳିତା ମୁନି, ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ପ୍ରତାପ ପାତ୍ର, କାଉଁଶୀଳର ରାଜେନ୍ଦ୍ର ପାଢ଼ୀ, ସୁଶ୍ରୀ ମାଧବୀ ମିଶ୍ର,ମୃତ୍ୟୁଞ୍ଜୟ ପେରା, ଶ୍ରୀବଚ୍ଛ ବେହେରା, ସ୍ନେହଲତା ପ୍ରଧାନ, ବିରଜା କହଁର, ତତ୍ରିଲୋଚନ କହଁର, ଶ୍ରୀମତୀ ଟୁନିସେଠି ସମେତ ମୁନିସିପାଲିଟି ର ପୂର୍ବତନ ସାଂସଦ ପ୍ରତିନିଧି ତଥା ଡ଼ାୟାନିକ ଯୁବନେତା ବିକ୍ରମ ବେହେରା ମୁନିସିପାଲିଟି ର ସମସ୍ତ ବିଜେଡି କାଉନ ସିଲର ବହୁ ଦଳୀୟ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ,

# ପାରାଦ୍ୱୀପ ରେ ବିଜେଡ଼ି ର ୨୮ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି



ପାରାଦ୍ୱୀପ: ୨୬/୧୨ ବିଜୁ ଜନତା ଦଳର ପୂର୍ବତନ ଓଡିଶା ମୁଖ୍ୟମନ୍ତ୍ରୀ ବର୍ତ୍ତମାନର ବିଜୁ ଜନତା ଦଳର ସଭାପତି ୨୮ତମ ପ୍ରତିଷ୍ଠା ଦିବସରେ ଗୁରୁ ମନ୍ତ୍ର ଦେଇଥିବା ବେଳେ ଆଜି ପାରାଦ୍ୱୀପ ବିଜୁ ଜନତା ଦଳର ନଗର ସଭାପତି ଓ ପାରାଦ୍ୱୀପ ପୌର ପରିଷଦର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତରେ ପାରାଦ୍ୱୀପ ଅଠରବାଙ୍କି ସ୍ଥିତ ବିଜୁ ପାର୍କ ପରିଷର ୨୮ତମ ପ୍ରତିଷ୍ଠା ଦିବସ ଆୟୋଜନ ବହୁ ଆଡମ୍ବରର ସହ ପାଳନ ହୋଇଯାଇଛି ।ଆନୁଷ୍ଠାନିକ ଭାବେ ପ୍ରଥମେ ବିଜୁ ପାର୍କର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟା ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ନଗର ବିଜେଡି ସାଧାରଣର ସମ୍ପାଦକ ଶଙ୍କର ପ୍ରବାଦ ରାଉତ, କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବିଶ୍ୱାଳ,ମହିଳା ବିଜେଡି ଜିଲା ଉପସଭାପତି ଚପଳା ସ୍ୱାଇଁ, ପାରିଷଦ ଅଜିତ ସତଙ୍ଗି, ନବ କୁମାର ବେହେରା, ସୁଶାନ୍ତ ଦାସ,କେ ଜଗନ୍ନାଥ ରାଓ, ସୌଦାମିନୀ ସାହୁ, ସରୋଜିନୀ ସାହୁ, ସ୍ୱପ୍ନାରାଣୀ ଜେନା, ନଗେନ୍ଦ୍ର ରାଉତ, ଅଜୟ ନାୟକ ପ୍ରମୁଖଙ୍କ ସମେତ ଦଳୀୟ ନେତ୍ରୀ,ବିଭିନ୍ନ ୱାର୍ଡ଼ ର ମୁଖିଆ ବହୁ ସଂଖ୍ୟାରେ ବିଜେଡି କର୍ମୀମାନେ ଯୋଗ ଦେଇଥିଲେ। ସର୍ବପ୍ରଥମେ ପାରାଦ୍ୱୀପ ବିଜେଡି ଯୁବ ସଭାପତି ଆଲୋକ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚ୍ୟ ପ୍ରଦାନ କରିଥିଲେ। ଦଳର ସଭାପତି ରାଜ୍ୟ ପାଇଁ ଗୁରୁ ମନ୍ତ୍ର ଦେଇଥିବା ବେଳେ ପାରାଦ୍ୱୀପ ନଗର ସଭାପତି ସେଇ ଗୁରୁ ମନ୍ତ୍ର କୁ ନେଇ ଦଳକୁ ସଶକ୍ତି ହୋଇ ଆଗାମି ଦିନରେ କିପରି ସଙ୍ଗଠନକୁ ସୁଦୃଢ କରିବା ଓ ନବୀନ ସରକାରଙ୍କ ଗୁଣଗାନ କରିଥିବା ସହିତ ପୁଣି ନବୀନ ସରକାର କିପରି ଆଗାମୀ ଦିନରେ ସରକାର ଗଠନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଫୁଲବାଣୀ ଗାନ୍ଧୀସ୍ମୃତି ଭବନରେ ସୁଶାସନ ଦିବସ ପାଳନ

ଫୁଲବାଣୀ ତା,୨୬/୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ସ୍ଥିତ ଗାନ୍ଧୀ ସ୍ମୃତିଭବନ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହକୁ ' ସୁଶାସନ ଦିବସ ' ଭାବେ ସମଗ୍ର ଦେଶରେ ସରକାର ମହା ସମାରୋହର ସହିତ ପାଳନ କରାଯାଉଛି । ଆଜିର ଏହି ସୋମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶାର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋ ଗାକୁଳାନନ୍ଦ ମଲ୍ଲିକ କହିଲେ, ବାଜପେୟୀତାଙ୍କ ପାଞ୍ଚ ବର୍ଷ ଶାସନକାଳ ମଧ୍ୟରେ ଭାରତକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିପାରିଥିଲେ । ଭାରତ ମାତାର ସେବା କରିବାକୁ ସେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ସମୟରୁହିଁ ଭୁଖି, ଭୟ ଓ ଭ୍ରଷ୍ଟାଚାରକୁ ହଟାଇବା ପାଇଁ ପଦକ୍ଷେପମାନ ନିଆଯାଉଛି କହିଲେ ଭୁଲ ହେବ ନାହିଁ । ବର୍ତ୍ତମାନ ୨୦୨୬ ମସିହା ବେଳକୁ ଓଡ଼ିଶା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ ବୋଲି ତାଙ୍କ ସରକାର ପଦକ୍ଷେପ ନେଉଛନ୍ତି । ବାଜପେୟୀ ଅନେକ ଦୃଢ଼ ପଦକ୍ଷେପମାନ ଗ୍ରହଣ କରି ଦେଶକୁ ସୁଶାସନ ପ୍ରଦାନ କରିବାରେ ସକ୍ଷମ ହୋଇଥିଲେ। ପ୍ରଧାନମନ୍ତ୍ରୀଭାବେ ତାଙ୍କ କାର୍ଯ୍ୟକାଳରେ ଆରମ୍ଭ ହୋଇଥିବା ଜନକୈନ୍ଦ୍ରିକ ପଦକ୍ଷେପ ଭାରତର ପରିବର୍ତ୍ତନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ସେ ଥିଲେ ଧର୍ଯ୍ୟର ପ୍ରତୀକ। ଯେତେବେଳେ ଅନ୍ୟ ଦଳର ନେତାମାନେ ତାଙ୍କୁ ଥଟ୍ଟା କରୁଥିଲେ ସେତେବେଳେ ସେ ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବାକୁ ସ୍ୱପ୍ନ ଦେଖୁଥିଲେ ଏବଂ ସେଥ ?ପାଇଁ ସଂକଳ୍ପ ମଧ୍ୟ କରିଥିଲେ। କିଷାନ କ୍ରେଡିଟ୍ କାର୍ଡ,ଦିଲ୍ଲୀ, ମୁମ୍ବାଇ, ଚେନାଇ ଓ କଲିକତାକୁ ସଂଯୋଗୀକରଣ ଜାତୀୟ ରାଜପଥ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସର୍ବ









ଶିକ୍ଷା ଅଭିଯାନ, ନଦୀ ଅନ୍ତଃସଂଯୋଗ ଯୋଜନା ଏବଂ ଆଦିବାସୀ ବ୍ୟାପାର ପାଇଁ ଏକ ପୃଥକ ମନ୍ତ୍ରଣାଳୟ ଭଳି ଯୋଜନା ସମାଜର ସମସ୍ତ ବର୍ଗଙ୍କୁ ପ୍ରଭାବିତ କରିଥିଲା। ଦେଶରେ କୃଷି ସହିତ ପ୍ରାଣୀ ସମ୍ପଦକୁ ବୃଦ୍ଧି କରିପାରିଲେ ଅର୍ଥନୀତିରେ ସୁଧାର ଆସିପାରିବ ସେ ଅନୁଭବ କରିପାରିଥିଲେ । ସରକାରଙ୍କ ଯୋଜନାଗୁଡ଼ିକ କିଛି ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ନ ରହି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ । ତେବେ ଆସନ୍ତୁ ଆମେ ସମ୍ମିଳିତ ଭାବେ କାର୍ଯ୍ୟକରି ବାଜପେୟୀଙ୍କ ପରିକଳ୍ପନାକୁ ବାସ୍ତବରେ ପରିଣତ କରିବା ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ । ମାନ୍ୟବର ବିଧାୟକ ଘୁ. ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ କହିଲେ, ଯେ ପର୍ଯ୍ୟନ୍ତ ଠିକ୍ ଶିକ୍ଷାଦାନ ଦିଆଯାଇପାରିନାହିଁ ସେ ପର୍ଯ୍ୟନ୍ତ ସୁଶାସନ ସମ୍ଭବ ହୋଇ ପାରିପାରିବ ନାହିଁ। ସୁଶାସନ ସେତେବେଳେ ସମ୍ଭବ ହେବ ଯେତେବେଳେ ସମସ୍ତେ ନିଜ ନିଜର ସଠିକ ଦାୟିତ୍ୱ ତୁଲାଇବାରେ ସକ୍ଷମ ହୋଇପାରିବେ । ଆବଶ୍ୟକ ପଡ଼ିଲେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଜରୁରୀ ଆବଶ୍ୟକ ବୋଲି ମାନ୍ୟବର ବିଧାୟକ ଶ୍ରୀ ପ୍ରଧାନ କହିଥିଲେ । ମାନ୍ୟବର ବିଧାୟକ ଫୁଲବାଣୀ ଶ୍ରୀ ଉମା ଚରଣ ମଲ୍ଲିକ ରାଷ୍ଟ୍ରକୁ ସଶକ୍ତ କରିବା ପାଇଁ ବାଜପେୟୀ କିଭଳି ଦ୍ରୁତ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଉଥିଲେ ସେ ବିଷୟରେ ଆଲୋଚନା କରିଥିଲେ । ସେହିପରି, ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ଅମ୍ରିତ୍ ଋତୁରାଜ୍, ମୁଖ୍ୟ ଉନ୍ନୟନ ଅଧିକାରୀ - ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରି ପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ ଶ୍ରୀ ସ୍ନେହାଶିଷ ସାହୁ, ଉପ-ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ଚିତ୍ତରଞ୍ଜନ ମହନ୍ତ ଭାରତୀୟ ରାଜନୀତିରେ ବାଜପେୟୀଙ୍କ ଅବଦାନ ତାଙ୍କର ଦୃଷ୍ଟିକୋଣକୁ ସ୍ମରଣ କରିବା ପାଇଁ ସୁଶାସନ ଦିବସ ପ୍ରତିଷ୍ଠା କରାଯାଇଥିବା ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଶ୍ରୀ କୃପାସିନ୍ଧୁ ବେହେରା ପରିଚାଳନା କରିଥିବାବେଳେ, ପ୍ରକଳ୍ପ ପ୍ରଶାସିକା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଦେବଜାନୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। । ସୁଶାସନ ଦିବସ ପାଳନ ଅବସରରେ ଜିଲ୍ଲାର କବିମାନଙ୍କ ଦ୍ୱାରା ଅଟଳ ବିହାରୀ କରାଯିବା ସହିତ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ତରଫରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପ୍ରଦର୍ଶନ କରାଯାଇଥିଲା ଓ କବି ମାନଙ୍କ ଦ୍ୱାରା ସରକାରୀ ଯୋଜନା ଉପରେ ବାଜପେୟୀଙ୍କ ଜୀବନୀ, ଜୀବନାଦର୍ଶ ଉପରେ ଆଧାରିତ କବିତା ପାଠୋତ୍ସବ କରାଯିବା ପାଇଁ , ସମାଜ ମଙ୍ଗଳ ବିଭାଗ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବଣ୍ଟନ କରାଯାଇଥିଲା ।ବିଭିର୍ଣ୍ଣ କାର୍ଯ୍ୟକ୍ରମ ମାଧ୍ୟମରେ ଭକ୍ତି ସଂଗୀତ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ, କାର୍ଯ୍ୟ ସ୍ଥାନୀୟ ଜନସାଧାରଣ, ପଦାଧିକାରୀ,ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ଆଜି ବିଜୁ ଜନତା ଦଳ ର '୨୮ତମ ପ୍ରତିଷ୍ଠା ଦିବସ'

ଭବାନୀପାଟଣା ତା:୨୬/୧୨ (ଜଗନ୍ନାଥ ଏକ୍ସପ୍ରେସ୍)ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଜୁନାଗଡ଼ ବିଧାୟକ ଶ୍ରୀ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଶ୍ରୀ ଦୁଷ୍ମନ୍ତ ନାଏକ, ଶ୍ରୀ ଗୋବର୍ଦ୍ଧନ ଦାସ, ବିସିସି ବେଙ୍କ ସଭାପତି ଶ୍ରୀ ଗିରିଶ ଚନ୍ଦ୍ର ବେହେରା, କଳାହାଣ୍ଡି ଜିଲ୍ଲା ମହିଳା ସଭାନେତ୍ରୀ ଶ୍ରୀମତୀ ଲଳିତା ନାଏକ , ମ୍ୟୁନିସିପାଲିଟି ଅଧକ୍ଷା ଶ୍ରୀ ବିଷ୍ଣୁ ପ୍ରଧାନ, କେସିଙ୍ଗା ଏନ.ଏ.ସି ଅଧକ୍ଷ ଶ୍ରୀ ନୃପରାଜ ଯାଦବ,ବିଜୁ ଜନତା ଦଳର ନେତା ବଦ୍ରି ପଟ୍ଟନାୟକ, ଶ୍ରୀ ପ୍ରଦୀପ ମୁଣ୍ଡ, ଶ୍ରୀ ଜାକିର ହୁସେନ, ଜିଲ୍ଲା ଯୁବ ସଭାପତି ଶ୍ରୀ ଆଦିତ୍ୟ ନନ୍ଦ, ଛାତ୍ର କାର୍ଯ୍ୟକାରୀ ସଭାପତି ଅଭିନଶ ଠାକୁର, ରାଜ୍ୟ ଉପ ସଭାପତି ଶ୍ରୀ ମଣ୍ଟୁ ନାଏକ,ଟାଉନ ସଭାପତି ଶ୍ରୀ ଧବଳେଶ୍ୱର ମହାପାତ୍ର, ପ୍ରଶାନ୍ତ ଠାକୁର, ପ୍ରସନ୍ତ ନାଏକ, ମନୀନ୍ଦ୍ର ମହାନ୍ତି, ପୂର୍ବତନ ପୌରାଧକ୍ଷା ସଞ୍ଜୁକ୍ତା ବେହେରା, ସଦର ବ୍ଲକ ଯୋନ୨ ଜିଲାପରିଷ ଶ୍ରୀ ଦୟାନିଧି ନାଏକ, କେସିଙ୍ଗା ବ୍ଲକ ଯୋନ ୨ନରୋତ୍ତମ ଭାଟି, ଯୋନ୩ ଶ୍ରୀମତୀ ସୁନିତା ଶବର, ନିର୍ବାଚନ ମଣ୍ଡଳୀ ସଭାପତି ସୁରେନ୍ଦ୍ର ପ୍ରଧାନ, ସଦର ବ୍ଲକ ସଭାପତି ପ୍ରେମରଞ୍ଜନ ପାଣିଗ୍ରାହୀ, କେସିଙ୍ଗା ବ୍ଲକ ସଭାପତି କୁମୁଦ ବଗର୍ତ୍ତି, ସମସ୍ତ ପଞ୍ଚାୟତ ସଭାପତି, ମ୍ୟୁନିସିପାଲିଟି ର ସମସ୍ତ କାଉନସିଲର ଏବଂ କେସିଙ୍ଗା ଏନ ଏ ସି ସମସ୍ତ କାଉନସିଲର ଓ ସମସ୍ତ ବିଜୁ ଜନତା ଦଳର ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ